ମାନବିକ ଅଧିକାର ସମ୍ବନ୍ଧୀୟ ନାଗରିକ ସଙ୍ଗଠନ / ସିଭିଲ ସୋସାଇଟି ଫୋରମ

ଅନ୍ ହ୍ୟୁମାନ୍ ରାଇଟସ୍ ଆନୁକୂଲ୍ୟରେ .....

| Month | Date | Volume No | Issue |
|---|---|---|---|
| Jan, 2014 | 16.01.2014 | iv | 1 |

# ବିଷୟସୂଚୀ


୧.ମହିଳାମାନଙ୍କ ଉପରେ ହିଂସା

- ତୃପ୍ତି ସଂଯୋଜିକାଙ୍କୁ ଗଛରେ ବାନ୍ଧି ମାଡ.
- ମହିଳାଙ୍କୁ ପିଟିପଟି ଗୋଡ ଭାଙ୍ଗିଦେଲେ.
- ବିଧବାଙ୍କୁ ଦୁଷ୍କର୍ମ, ଅଭିଯୁକ୍ତ ଗିରଫ
- ମହିଳାଙ୍କୁ ରେଳ ଧାରଣାରେ ଫିଙ୍ଗି ଦେବା ଘଟଣା, ସ୍ୱାମୀ ଅଟକ.
- ମହିଳାଙ୍କୁ ହତ୍ୟା, ଗଳିତ ଶବ ଉଦ୍ଧାର.
- ଗଣଦୁଷ୍କର୍ମ ପରେ ଯୁବତୀଙ୍କୁ ଫିଙ୍ଗି ଦେଲେ.
- ଦୁଷ୍କର୍ମ ପରେ ମହିଳାଙ୍କୁ ହତ୍ୟା.
- ଯୁବତୀଙ୍କୁ ହତ୍ୟା କରି ଗଛରେ ଟାଙ୍ଗିଦେଲେ.
- ବିଧବାଙ୍କୁ ଦୁଷ୍କର୍ମ ଅଭିଯୋଗ, ଅଭିଯୁକ୍ତ ଗିରଫ.
- ଶିକ୍ଷୟତ୍ରୀଙ୍କୁ ମାନସିକ ନିର୍ଯ୍ୟାତନା, ଥାନାର ଦ୍ୱାରସ୍ଥ

୨. ଶିଶୁମାନଙ୍କ ଅଧିକାର ଉପରେ ହିଂସା.

- ଡାହାଣି କହି ସ୍କୁଲରୁ ତଡିଦେଲେ.
- ଦୁଷ୍କର୍ମ ଉଦ୍ୟମ ପରେ ନାବାଳିକାଙ୍କ ଆତ୍ମହତ୍ୟା .
- ଭିନ୍ନକ୍ଷମ ନାବାଳିକାକୁ ନାବାଳକର ଦୁଷ୍କର୍ମ .
- ମଧ୍ୟାହ୍ନ ଭୋଜନ ଖାଇ ୨୧ ଛାତ୍ର ଛାତ୍ରୀ ଅସୁସ୍ଥ .
- ହଷ୍ଟେଲ ଛାଡିଲେ ୯୦ ଛାତ୍ର ଛାତ୍ରୀ.

- ବିବାହ ପ୍ରତିଶୃତି ଦେଇ ନାବାଳିକାକୁ ପ୍ରତାରଣା.
- ଓଡିଶାର ୧୪୧  ଶିଶୁ ତାମିଲନାଡୁରୁ ଉଦ୍ଧାର.
- ସ୍କୁଲରୁ ଟିସି ନେଇ ଘରେ ବସିଛନ୍ତି ଛାତ୍ରୀ.
- ଆନ୍ଧ୍ର ଚାଲାଣ ବେଳେ ୧୧ ନାବଳିକା ଉଦ୍ଧାର.
- କୁପୋଷଣର ଶିକାର ଶିଶୁ, ଚୁଆରୁ ପିଉଛନ୍ତି ପାଣି.
- ୫ଟି ଶ୍ରେଣୀ, ୨ ଶିକ୍ଷକ, ଜଣେ ପିଲା .

୩. ହାଜତରେ ମୃତ୍ୟୁ/ପୋଲିସର ଅତ୍ୟାଚାର.

- ରେଳବାଇ ପୋଲିସର ବର୍ବରତା , ହାଜତରେ ଥାର୍ଡ ଡିଗ୍ରୀ.
- ପୁଲିସର ନାଲିଆଖି ବୟାନ ବଦଳାଅ.

୪. ବିକାଶ ପାଇଁ ବିନାଶ.

- ବ୍ରିଟାନିୟା କମ୍ପାନୀରେ ପୁଣି ଶ୍ରମିକ ଅଶାନ୍ତି
- ନାଲକୋ ବିସ୍ଥାପିତଙ୍କ ଭାଗ୍ୟ ବଦଳୁନି.
- ଝାରସୁଗୁଡାର ଦୁଇଟି ପ୍ଲାଂଟରେ ଦୁର୍ଘଟଣା.
- ପୋସ୍କୋକୁ ସବୁଜ ସଂକେତ.

୫. ଆଦିବାସୀ ଅଧିକାର

- ପାରସାଲିରେ ଡଙ୍ଗରିଆ କନ୍ଧଙ୍କ ମେଳି.
- କନସିହାରେ ଆଦିବାସୀ ଅଧିକାର ସମାବେଶ.
- ମଜୁରି ବଦଳରେ ମଦ.
- ମାଙ୍କେଡିଆ ବସ୍ତିରେ ମାନବାଧିକାର ଉଲ୍ଲଙ୍ଘନ.

୬. ଟଙ୍କା ନଦେବାରୁ ମେଡିକାଲରୁ ଡିସ୍‌ଚାର୍ଜ

**୭. ୧୦୮ ଆମ୍ବୁଲାନସ ସେବା ପ୍ରହଶନ, ୫୦୦ଟଙ୍କା ନଦେବାରୁ ରୋଗୀକୁ ବାରଣ୍ଡାରେ ଫିଙ୍ଗି ପଳାଇଲେ.**

**୮. ନରେଗା. ବନବାସୀଙ୍କୁ ଅଧିକା ୫୦ ଦିନ.**

# ତୃପ୍ତି ସଂଯୋଜିକାଙ୍କୁ ଗଛରେ ବାନ୍ଧି ମାଡ଼

ଭୋଗରାଇ,୪।୧(ଇମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକରେ ଏକ ସ୍ୱୟଂ ସହାୟିକା ଗୋଷ୍ଠୀର କେତେକ ମହିଳା ମିଶି ତୃପ୍ତି ପ୍ରକଳ୍ପ ସଂଯୋଜିକାଙ୍କୁ ଗଛରେ ବାନ୍ଧି ନିସ୍ତୁକ ପିଟିବା ଘଟଣା ଆଜି ଚର୍ଚ୍ଚାର ବିଷୟ ହୋଇଛି। ଘଟଣାସ୍ଥଳରେ ଲକ୍ଷ୍ମୀପାଟଣା ଫାଣ୍ଡି ପୁଲିସ ପହଞ୍ଚି ବନ୍ଧା ହୋଇଥିବା ସଂପୃକ୍ତ ମହିଳାଙ୍କୁ ଉଦ୍ଧାର କରିଛି। ପୁଲିସ ଦୁଇ ପକ୍ଷର ବୟାନ ରେକର୍ଡ କରିଛି। ତେବେ ଏ ନେଇ କୌଣସି ଲିଖିତ ଅଭିଯୋଗ ହୋଇ ନାହିଁ।



ପ୍ରକାଶ ଯେ, ତୃପ୍ତି ପ୍ରକଳ୍ପରେ କାର୍ଯ୍ୟରତ କ୍ଲଷ୍ଟର ସଂଯୋଜିକା ଅନୁପମା ନାୟକ ଦେହୁର୍ଦ୍ଦା ଓ ସୁଲତାନପୁର ପଞ୍ଚାୟତର ସ୍ୱୟଂ ସହାୟିକା ଗୋଷ୍ଠୀ ଦାୟିତ୍ୱରେ ଅଛନ୍ତି। ସେ ତାଙ୍କ ବାପ ଘର ମହେଶପୁର ଗାଁରେ ରହି କାର୍ଯ୍ୟ କରନ୍ତି। ଅନୁପମା ଆଜି ସକାଳ ୧୦ଟାରେ ଘରୁ ବାହାରି ବ୍ଲକସ୍ଥିତ ତୃପ୍ତି କାର୍ଯ୍ୟାଳୟକୁ ଆସୁଥିଲେ। ସେହି ଗାଁର ମାତୃଶକ୍ତି ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ସଂଧ୍ୟାରାଣୀ ମହାନ୍ତି ଏବଂ ଅନ୍ୟ କେତେ ଜଣ ସଦସ୍ୟା ତାଙ୍କୁ ଚଣ୍ଡୀ ମନ୍ଦିର ଠାରେ ଅଟକାଇବା ସହ ଗଛରେ ବାନ୍ଧି ନିସ୍ତୁକ ପିଟିଥିବା ସେ ଅଭିଯୋଗ କରିଛନ୍ତି। ଗାଁ ଭିତରେ ଗ୍ରାମବାସୀଙ୍କ ସମ୍ମୁଖରେ ଏହି ଘଟଣା ଘଟିଥିବା ସେ ଦର୍ଶାଇଛନ୍ତି।

ଅନ୍ୟ ପକ୍ଷରେ ଅନୁପମାଙ୍କୁ ମାଡ଼ ମାରି ଗଛରେ ବାନ୍ଧିଥିବା ମହିଳା ଗୋଷ୍ଠୀର ସଦସ୍ୟା ସଂଧ୍ୟାରାଣୀ ମହାନ୍ତି ଓ ରୀନା ମହାନ୍ତି ଘଟଣାକୁ ସ୍ୱୀକାର କରିବା ସହ କହିଛନ୍ତି ଯେ ତାଙ୍କ ଗୋଷ୍ଠୀରେ ଅନୁପମାଙ୍କ ମାଆ ସଦସ୍ୟା ଅଛନ୍ତି। ସରକାରଙ୍କ ଠାରୁ ଆସୁଥିବା ଆର୍ଥିକ ଅନୁଦାନକୁ ଗୋଷ୍ଠୀର ସଭାନେତ୍ରୀ, ସଂପାଦିକାଙ୍କ ସହ ମିଶି ଅନୁପମା ହଡ଼ପ କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ଗୋଷ୍ଠୀର ସଭା ନ ଡାକି ଦସ୍ତଖତ କରିନେବା ଭଳି କାର୍ଯ୍ୟ ସମ୍ବନ୍ଧରେ ସେମାନେ ପୂର୍ବରୁ ତୃପ୍ତି ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ ହେଁ କୌଣସି ପ୍ରତିକାର କରାଯାଇ ନଥିବା ସେମାନେ ଅଭିଯୋଗ କରିଛନ୍ତି।

## ମହିଳାଙ୍କୁ ପିଟି ଗୋଡ଼ ଭାଙ୍ଗିଦେଲେ

# ୫ ଦିନ ପରେ ବି ଅଭିଯୁକ୍ତ ଖୋଲା ବୁଲୁଛନ୍ତି

ସାତମାଇଲ,୫ ।୧ (ଇମିସ): ଜମିବାଡ଼ି ବିବାଦ ଯୋଗୁ ବାଲିମି ଥାନା କୁକୁଟା ଗ୍ରାମର ଏକ ପରିବାର ଉପରେ ଅନ୍ୟ ଏକ ପରିବାର ମରଣାନ୍ତକ ଆକ୍ରମଣ କରିଥିଲେ । ଆକ୍ରମଣରେ ଜଣେ ମହିଳାଙ୍କର ଗୋଡ଼ ଦୁଇଟି ଭାଙ୍ଗିଯାଇଥିବାବେଳେ ୫ ଦିନ ପରେ ବି ଅଭିଯୁକ୍ତମାନେ ଗିରଫ ହୋଇନାହାନ୍ତି । ପୁଲିସ ସୂତ୍ରରୁ ପ୍ରକାଶ, କୁକୁଟା ଗ୍ରାମର ତ୍ରିନାଥ ସାହୁ ଓ ବିଷ୍ଣୁ ସାହୁଙ୍କ ପରିବାର ମଧ୍ୟରେ ଜମିବାଡ଼ି ଯୋଗୁ ବିବାଦ ଲାଗିରହିଛି । ଗତ ୩୦ ତାରିଖରେ ତ୍ରିନାଥ ଘରେ ନଥିବା ସମୟରେ ବିଷ୍ଣୁ ସାହୁ, ତାଙ୍କ ପୁଅ ବେଣୁ ସାହୁ, ପରିବାର ସଦସ୍ୟ ସଂଧ୍ୟାରାଣୀ ସାହୁ, ମନୋରମା ସାହୁ ଓ ଲୀଳା ସାହୁ ତ୍ରିନାଥଙ୍କ ଘରେ ପଶି ତ୍ରିନାଥଙ୍କ ପତ୍ନୀ ମମତା ସାହୁ, ବାପା ଓ ଭଉଣୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଆକ୍ରମଣରେ ମମତା ଗୁରୁତର ଆହତ ହୋଇଥିଲେ । ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ହିନ୍ଦୋଳ ଡାକ୍ତରଖାନାକୁ ନିଆଯାଇଥିଲା । ପରେ ଅନୁଗୁଳ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ଡାକ୍ତରୀ ପରୀକ୍ଷାରୁ ତାଙ୍କର ଦୁଇଟିଯାକ ଗୋଡ଼ ଭାଙ୍ଗିଯାଇଥିବା ଜଣାପଡ଼ିଛି । ମମତା ଖଜୁରିଆକଟା ସରସ୍ୱତୀ ଶିଶୁମନ୍ଦିରରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିଲେ । ୩୦ ତାରିଖ ସଂଧ୍ୟାରେ ସେ ଏ ସଂପର୍କରେ ଥାନାରେ ଅଭିଯୋଗ କରିଥିଲେ । ଅଭିଯୁକ୍ତମାନେ ଗାଁରେ ମୁକ୍ତଭାବେ ବୁଲୁଥିଲେ ବି ପୁଲିସ ସେମାନଙ୍କୁ ଗିରଫ କରିନାହିଁ । ତ୍ରିନାଥଙ୍କୁ ସେମାନେ ଜୀବନରେ ମାରିଦେବାକୁ ଧମକ ଦେଉଥିବା ତ୍ରିନାଥଙ୍କ ପରିବାର ଅଭିଯୋଗ କରିଛନ୍ତି । ଏ କ୍ଷେତ୍ରରେ ପୁଲିସର କାର୍ଯ୍ୟକଳାପ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅଭିଯୁକ୍ତମାନେ ଫେରାର ଥିବାରୁ ସେମାନଙ୍କୁ ଗିରଫ କରାଯାଇପାରିନାହିଁ ବୋଲି ବାଲିମି ଥାନାଧିକାରୀ ବୀରବର ବେହେରା କହିଛନ୍ତି । ସେମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି ।

# ବିଧବାଙ୍କୁ ଦୁଷ୍କର୍ମ, ଅଭିଯୁକ୍ତ ଗିରଫ

ବଡ଼ବିଲ,୫/୧(ଇମିସ): ବଡ଼ବିଲ ଅଞ୍ଚଳର ଜଣେ ବିଧବା ମହିଳାଙ୍କୁ ଜଣେ ଯୁବକ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ବଡ଼ବିଲ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ପ୍ରକାଶ, ବିହାର ରାଜ୍ୟ ଛାପ୍ରା ଜିଲ୍ଲା କୋହ୍ଲାନ୍ ଥାନା ଅନ୍ତର୍ଗତ ଭଗବାନପୁର ଗ୍ରାମର ଯୀଶୁ ପାଶ୍ୱାନ୍ (୩୭) ବଡ଼ବିଲରେ ରହି କ୍ରେନ୍ ଅପରେଟର ଭାବେ କାର୍ଯ୍ୟ କରୁଥିଲା । ସେ ବଡ଼ବିଲର ଗାନ୍ଧି ହଟିଂରେ ଜଣେ ବିଧବା ମହିଳାଙ୍କ ଘରେ ଭଡାରେ ରହୁଥିଲେ । ତେବେ ଗତ କିଛିଦିନ ହେବ ଯୀଶୁ ଉକ୍ତ ବିଧବା ମହିଳାଙ୍କ ଘର ଛାଡି ଅନ୍ୟତ୍ର ଏକ ଭଡାଘରେ ରହୁଥିଲା । ଗତ ୧ ତାରିଖ ବିଳମ୍ବିତ ରାତିରେ ଯୀଶୁ ପୂର୍ବରୁ ଭଡାରେ ରହୁଥିବା ବିଧବା ମହିଳାଙ୍କ ଘରକୁ ଯାଇ ତାଙ୍କ ପ୍ରତି ଅସଦାଚରଣ ସହିତ ଦୁଷ୍କର୍ମ କରିଥିଲେ । ଏ ନେଇ ପୀଡିତା ବଡ଼ବିଲ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଅଭିଯୁକ୍ତକୁ ଗିରଫ କରିଛି । ଉଭୟଙ୍କ ଡାକ୍ତରୀ ମାଇନା ପରେ ଯୀଶୁକୁ ପୁଲିସ କୋର୍ଟଚାଲାଣ କରିଛି ।

# ମହିଳାଙ୍କୁ ରେଳ ଧାରଣାରେ ଫିଙ୍ଗି ଦେବା ଘଟଣା; **ସ୍ୱାମୀ ଅଟକ**

ସାତମାଇଲ୍,୫ ।୧(ଇମିସ): ବାଲିମି ଥାନା ଖାଲପାଳ ଗ୍ରାମର ଅନିଲ୍ ବେହେରାଙ୍କ ପତ୍ନୀ ନିହାରିକାଙ୍କୁ ହାତଗୋଡ଼ ବାନ୍ଧି ରେଳ ଧାରଣା କଡ଼ରେ ଫିଙ୍ଗି ଦିଆଯାଇଥିଲା । ଘଟଣାର ୮ ଦିନ ପରେ ପୁଲିସ ଆଜି ଅନିଲ୍‌ଙ୍କୁ ଥାନାରେ ଅଟକ ରଖି ପଚରା ଉଚରା ଚଳାଇଛି । ପୁଲିସ ସୂଚନା ଅନୁଯାୟୀ, ଯୌତୁକ ଯୋଗୁ ନିହାରିକାଙ୍କୁ ଅନିଲ୍‌ଙ୍କ ମାଆ ଓ ଭାଉଜ ନିର୍ଯାତନା ଦେଉଥିଲେ । ଗତ ୨୭ ତାରିଖରେ ଅନିଲ ଓ ତାଙ୍କର କେତେକ ସାଙ୍ଗ ନିହାରିକାଙ୍କର ହାତଗୋଡ଼ ବାନ୍ଧି ଖଡ଼ଗପ୍ରସାଦ ମଶାଣିଆ ନିକଟ ରେଳ ଧାରଣାରେ ପକାଇଦେଇଥିଲେ । ସ୍ଥାନୀୟ ଲୋକମାନେ ତାଙ୍କୁ ୮ ଘଣ୍ଟାପରେ ଉଦ୍ଧାର କରିଥିଲେ । ନିହାରିକାଙ୍କ ବାପ ଘର ଅନୁଗୁଳ ଥାନା ଖଲାରି ଗ୍ରାମରେ । ତାଙ୍କ ବାପା ବାଲିମି ଥାନାରେ ଅଭିଯୋଗ କରିଥିଲେ ।

# ମହିଳାଙ୍କୁ ହତ୍ୟା; ଗଳିତ ଶବ ଉଦ୍ଧାର

କଙ୍କଡ଼ାହାଡ଼, ୯ ।୧ (ଇମିସ): ପର୍ଜଙ୍ଗ ଥାନା ଗଡ଼ପଳାଶୁଣି ପଞ୍ଚାୟତ ବଡ଼ସାହି ଗ୍ରାମର ଯୁଗଳ ପଧାନଙ୍କ ପତ୍ନୀ କାମିନୀ ପଧାନ(୩୫)ଙ୍କର ଗଳିତ ଶବ ଆଜି ଅପରାହ୍ଣରେ ପୁଲିସ ଜବତ କରିଛି । ଯୁଗଳଙ୍କ ଘରଠାରୁ ୪ ଶହ ମିଟର ଦୂରରେ ଜଙ୍ଗଲ ଭିତରେ ଏକ ଗଛରୁ ଝୁଲୁଥିବା ଅବସ୍ଥାରେ ତାହା ଉଦ୍ଧାର କରାଯାଇଥିଲା । କାମିନୀଙ୍କୁ ମାରି ଦିଆଯାଇଛି ବୋଲି ତାଙ୍କ ଦାଦା ପହଲି ପଧାନ ମହାବିରୋଡ଼ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ସୂତ୍ରରୁ ପ୍ରକାଶ, ଯୁଗଳ ଓ କାମିନୀଙ୍କ ମଧ୍ୟରେ ବାରମ୍ବାର ଝଗଡ଼ା ଲାଗୁଥିଲା । କାମିନୀ ୧୨ ଦିନ ହେଲା ନିଖୋଜ ଥିଲେ । ଏ ସଂପର୍କରେ ଥାନାରେ କୌଣସି ସୂଚନା ଦିଆଯାଇନଥିଲା । ଜଙ୍ଗଲରେ ଏକ ଗଳିତ ମୃତଦେହ ଝୁଲୁଥିବା ଗତକାଲି ଅପରାହ୍ଣରେ ପୁଲିସକୁ ଖବର ମିଳିଥିଲା । ପର୍ଜଙ୍ଗ ଥାନାଧିକାରୀ ବାମଦେବ ଶଙ୍ଖୁଆଳ, ମହାବିରୋଡ଼ ଫାଣ୍ଡି ଅଧିକାରୀ ପ୍ରଭାତ କୁମାର ରାଉତ ଆଜି ଅପରାହ୍ଣରେ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପର୍ଜଙ୍ଗ ଡାକ୍ତରଖାନାକୁ ପଠାଇଥିଲେ । ମୃତ କାମିନୀଙ୍କ ବାପଘର ମହାବିରୋଡ଼ ଫାଣ୍ଡି ବାଘମୁଣ୍ଡା ଗ୍ରାମରେ । ଯୁଗଳ ପତ୍ନୀ କାମିନୀଙ୍କୁ ମାରିଦେଇଛନ୍ତି ବୋଲି ପହଲି ପଧାନ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ତଦନ୍ତ ଚଳାଇଛି ।

# ଗଣଦୁଷ୍କର୍ମ ପରେ ଯୁବତୀଙ୍କୁ ଫିଙ୍ଗିଦେଲେ

କଟକ,୧୧।୧(ଇମିସ): କଟକ ରେଳ ଷ୍ଟେସନ୍‌ରେ ଥିବା ପରିତ୍ୟକ୍ତ ବଗି ଭିତରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ ଅଭିଯୋଗ ହୋଇଛି। ଗଣଦୁଷ୍କର୍ମ କରିବା ପରେ ଦୁର୍ବୃତ୍ତମାନେ ଯୁବତୀଙ୍କୁ ଅଟୋରେ ବଳପୂର୍ବକ ଟେକି ନେଇ ବକ୍ସିବଜାର ନିକଟରେ ଫିଙ୍ଗି ଦେଇଛନ୍ତି। ଆଜି ଯୁବତୀ ଜଣଙ୍କୁ ଉଦ୍ଧାର କରାଯିବା ପରେ ସଂପୂର୍ଣ୍ଣ ଘଟଣା ସାମନାକୁ ଆସିଛି। ଏଭଳି ଏକ ଚାଞ୍ଚଲ୍ୟକର ଘଟଣା ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ସୂଚନା ଅନୁଯାୟୀ ଗତକାଲି ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ଗୁରୁତର ଅବସ୍ଥାରେ ଯୁବତୀଙ୍କୁ ଜଣେ ସମାଜସେବୀ ଉଦ୍ଧାର କରି ଆଜି ମହିଳା ଥାନା ପୁଲିସ୍ ଜିମା ଦେଇଛନ୍ତି। ଯୁବତୀଙ୍କୁ ପ୍ରାଥମିକ ଚିକିତ୍ସା କରାଯିବା ପରେ ଆସନ୍ତାକାଲି ଡାକ୍ତରୀମାଇନା କରାଯିବ ବୋଲି ପୁଲିସ୍ ସୂଚନା ଦେଇଛି। ଏକପ୍ରକାର ମାନସିକ ଅସ୍ଥିର ଅବସ୍ଥାରେ ଥିବା ଯୁବତୀ ଜଣକ ପୁଲିସ୍ ନିକଟରେ ସଂପୂର୍ଣ୍ଣ ଘଟଣା ସଂପର୍କରେ ବୟାନ ଦେଇଛନ୍ତି।

ଯୁବତୀଙ୍କ ବୟାନ ଅନୁଯାୟୀ ତାଙ୍କର ଘର ହେଉଛି ରାୟପୁରର ଗୁଡିଆଳି ଗ୍ରାମରେ। ୨୫ ବର୍ଷ ବୟସର ଏହି ଯୁବତୀ ଜଣକ ବିଏସ୍‌ସି ପାସ୍ କରିଛନ୍ତି। ଘରେ କୌଣସି କାରଣରୁ ପାଟିତୁଣ୍ଡ ➡ ୯

## ଗଣଦୁଷ୍କର୍ମ ପରେ ଯୁବତୀଙ୍କୁ ...

ହେବାରୁ ସେ ପୁରୀ ଚାଲି ଆସିଥିଲେ। ଗତକାଲି ପୁରୀରୁ ଆସି ଟ୍ରେନ୍‌ରେ ବିଳମ୍ବିତ ରାତିରେ କଟକ ଷ୍ଟେସନ୍‌ରେ ଓହ୍ଲାଇଥିଲେ। ଷ୍ଟେସନ୍‌ରେ ଓହ୍ଲାଇବା ପରେ ଜଣେ ମୋଟା ବ୍ୟକ୍ତି ସମେତ ୩ ଜଣ ତାଙ୍କୁ ଅନ୍ଧାରୁଆ ଜାଗାରେ ଥିବା ପରିତ୍ୟକ୍ତ ବଗି ଭିତରକୁ ନେଇ ଜଣକ ପରେ ଜଣେ ଦୁଷ୍କର୍ମ କରିଥିଲେ। ପରେ ଏକ ପାନ ଦୋକାନୀ ମଧ୍ୟ ତାଙ୍କ ସହିତ ଦୁଷ୍କର୍ମ କରିଥିଲା। ଘଟଣା ପରେ ସେ ଆଉ ଚାଲିବା ଅବସ୍ଥାରେ ନଥିଲେ। ଷ୍ଟେସନ୍ ଭିତରକୁ ପୁଣି ଥରେ ବହୁ କଷ୍ଟରେ ଆସିବା ବେଳେ ତାଙ୍କୁ ଜଣେ ପୁଲିସ୍ କର୍ମଚାରୀ ଦେଖିଥିଲେ। କିନ୍ତୁ ସେଠାରୁ ପଳାଇ ଯିବାକୁ ପୁଲିସ୍ କର୍ମଚାରୀ ଜଣକ ତାଙ୍କୁ କହିଥିଲେ। ଯୁବତୀଙ୍କ କହିବା ଅନୁଯାୟୀ 'ପୁଲିସ୍ ଅଙ୍କଲ୍ ନେ କାହା ତୁମ୍ ୟାହାଁ ସେ ଚଲେ ଯାଓ।' କିନ୍ତୁ କିଛି ସମୟ ପରେ କେତେକ ଯୁବକ ତାଙ୍କୁ ଏକ ଅଟୋରେ ବଳପୂର୍ବକ ବସାଇ ନେଇ ବକ୍ସିବଜାର ନିକଟରେ ଫିଙ୍ଗି ଦେଇ ଫେରାର ହୋଇଯାଇଥିଲେ। ଆଜି ସଂଧ୍ୟାରେ ଗୁରୁତର ଅବସ୍ଥାରେ ଥିବା ଏହି ଯୁବତୀ ଜଣଙ୍କୁ ଜଣେ ବ୍ୟକ୍ତି ଉଦ୍ଧାର କରି ମହିଳା ଥାନା ପୁଲିସ୍ ଜିମା ଦେଇଥିଲେ। ମହିଳା ଥାନା ପୁଲିସ୍ ଯୁବତୀଙ୍କୁ ପ୍ରାଥମିକ ଚିକିତ୍ସା କରାଇବା ସହିତ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରିଛି। ଯୁବତୀଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଥିବା ଜଣାପଡିଛି। ଆସନ୍ତାକାଲି ତାଙ୍କର ଡାକ୍ତରୀମାଇନା କରାଯିବା ପରେ ଘଟଣାର ତଦନ୍ତ କରାଯିବ ବୋଲି ପୁଲିସ ସୂଚନା ଦେଇଛି। ପୁଲିସ୍ କହିବା ଅନୁଯାୟୀ କେତେବେଳେ ସେ ଷ୍ଟେସନରୁ ଆଉ କେତେବେଳେ ବାଦାମବାଡିରୁ ଅଟୋରେ ଆସିଥିବା କହୁଛନ୍ତି। ତା'ର ବୟାନରେ କିଛିଟା ତାଳମେଳ ରହୁ ନାହିଁ। କିନ୍ତୁ ଯୁବତୀ ଜଣକ ଇଂରାଜୀ ଓ ହିନ୍ଦୀ ଜାଣିଥିବା ବେଳେ ନିଜ ସଂପର୍କରେ ସବୁବେଳେ ଗୋଟିଏ ପରିଚୟ ଦେଉଛନ୍ତି।

# ଦୁଷ୍କର୍ମ ପରେ ମହିଳାଙ୍କୁ ହତ୍ୟା

କୁଡୁମୁଲୁଗୁମା,୧୨/୧(ଇମିସ): ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମା ବ୍ଲକ ଅନ୍ତର୍ଗତ ନାକାମାମୁଡି ପଞ୍ଚାୟତର ଜାଡିଗିଡ଼ିଜୋଲା ଗ୍ରାମରେ ଗତକାଲି ରାତିରେ ଏକ ବୀଭତ୍ସ ଘଟଣା ଘଟିଛି। ଏହି ଗାଁର ଜଣେ ବିବାହିତ ମହିଳାଙ୍କୁ ଦୁଷ୍କର୍ମ ପରେ କେଶବ ମୁଦୁଲି ନାମକ ଜଣେ ବ୍ୟକ୍ତି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତକୁ ଗ୍ରାମବାସୀ ଧରି ଅଟକ ରଖିଥିଲେ ହେଁ ଖବର ଲେଖା ହେବା ସୁଦ୍ଧା ପୁଲିସ ଗାଁରେ ପହଞ୍ଚି ପାରିନଥିଲା।

ସୂଚନା ଅନୁଯାୟୀ, ଗତକାଲି ଘେନା ମୁଦୁଲିଙ୍କ ପତ୍ନୀ ଜମୁଣୀ ମୁଦୁଲି (୪୦) ହାଟକୁ ଯାଇ ସନ୍ଧ୍ୟାରେ ଘରକୁ ଫେରୁଥିଲା। ତେବେ ରାସ୍ତାରେ ସେହି ଗାଁର କେଶବ ମୁଦୁଲି ରାସ୍ତାରେ ଜମୁଣୀ ସହ ଦୁଷ୍କର୍ମ କରିବା ପରେ ନିର୍ମମ ଭାବେ ହତ୍ୟା କରିଥିଲା। ଏନେଇ ଗ୍ରାମବାସୀ ଜାଣିବା ପରେ ଅଭିଯୁକ୍ତ କେଶବକୁ ଧରି ଗୋଟିଏ ସ୍ଥାନରେ ଅଟକ ରଖି ପୁଲିସକୁ ଖବର ଦେଇଥିଲେ। ତେବେ ଏହି ଗାଁଟି ଦୁର୍ଗମ ଅଞ୍ଚଳ ତଥା ପାହାଡ ଉପରେ ରହିଥିବା ସହ ମାଓବାଦୀଙ୍କ ଦବଦବା ଲାଗି ରହିଥିବାରୁ ପୁଲିସ ଖବର ଲେଖା ହେବା ସୁଦ୍ଧା ଗାଁରେ ପହଞ୍ଚି ପାରିନଥିଲା। ଅନ୍ୟପଟେ ମହିଳାଙ୍କ ଶବ ଗାଁରୁ ଉଦ୍ଧାର କରିବା ପରେ ବ୍ୟବଚ୍ଛେଦ ନିମନ୍ତେ ଖଇରପୁଟ ପଠାଯାଇଥିଲା। କିନ୍ତୁ ଖଇରପୁଟରେ ବ୍ୟବଚ୍ଛେଦ ବ୍ୟବସ୍ଥା ହେଉନଥିବାରୁ ପରେ ମାଲକାନଗିରି ପଠାଯାଇଛି।

## ବିଫଳ ପ୍ରେମର ପରିଣତି

# ଯୁବତୀଙ୍କୁ ହତ୍ୟା କରି ଗଛରେ ଟାଙ୍ଗିଦେଲେ!

କୋରେଇ, ୧୪/୧ (ଇମିସ): କୋରେଇ ଥାନା ଅନ୍ତର୍ଗତ ତୁଳତି ପଂଚାୟତ ସାଇଁଟ ଗ୍ରାମର ରବୀନ୍ଦ୍ର ବିଦ୍ୟାଧରଙ୍କ ଯୁବତୀ ଝିଅ ସରସ୍ୱତୀଙ୍କୁ ସେହି ଗ୍ରାମର ରବୀନ୍ଦ୍ର ମାଝି (୩୫) ହତ୍ୟା କରି ଗଛରେ ଟାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ମୃତ ସରସ୍ୱତୀଙ୍କ ବାପା ବିଦ୍ୟାଧର ମାଝି କୋରେଇ ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗରୁ ପ୍ରକାଶ ଯେ ଗତକାଲି ସୋମବାର ସଂଧ୍ୟାରେ ସାଇଁଟ ଗ୍ରାମର କୃଷ୍ଣଚନ୍ଦ୍ର ମାଝିଙ୍କ ପୁଅ ରବୀନ୍ଦ୍ର ବିଦ୍ୟାଧରଙ୍କ ଘରେ ବସିଥିଲା। ରବୀନ୍ଦ୍ର ବିଦ୍ୟାଧରଙ୍କ ଝିଅ ସରସ୍ୱତୀ ସହିତ କଥା ହେଉଥିବା ବେଳେ ବାହାରକୁ ଯାଇଥିବା ପରିବାର ଲୋକେ ଘରେ ପହଂଚି ଯାଇଥିଲେ। ସରସ୍ୱତୀଙ୍କ ସହ ପ୍ରେମ ସଂପର୍କ ଥିବା ଗୁଜବ ପାଇଁ ପରିବାର ଲୋକେ ରବିନ୍ଦ୍ରକୁ ଘରକୁ ଆସିବାକୁ ବାରଣ କରିଥିଲେ। ବାରମ୍ବାର ବାରଣ ସତ୍ତ୍ୱେ ପୁଣି ଘରକୁ ଆସିଥିବାରୁ ଉତ୍କ୍ଷିପ୍ତ ପରିବାର ଲୋକେ ରବିନ୍ଦ୍ରକୁ ଗାଳି ଦେଇ ଘରୁ ବାହାର କରିଦେଇଥିଲେ। ଏହାର କିଛି ସମୟ ପରେ ସରସ୍ୱତୀ ପାଇଖାନା ଯାଉଛି କହି ବାହାରକୁ ଚାଲି ଯାଇଥିଲେ। ଦୀର୍ଘ ସମୟ ପରେ ଝିଅ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ଘରଠାରୁ ଅଧ କିଲୋମିଟର ଦୂରରେ ସରସ୍ୱତୀଙ୍କ ଶବକୁ ଏକ ବରଗଛରେ ଝୁଲୁଥିବା ଠାବ କରିଥିଲେ। ଅପମାନିତ ହୋଇଥିବାରୁ କ୍ରୋଧରେ ରବିନ୍ଦ୍ର ସରସ୍ୱତୀଙ୍କୁ ହତ୍ୟା କରିଛି ବୋଲି ପରିବାର ପକ୍ଷରୁ କୋରେଇ ଥାନାରେ ଏତଲା ଦିଆଯାଇଛି। ଅଭିଯୋଗ ପରେ କୋରେଇ ପୁଲିସ ଘଟଣା ସ୍ଥଳରେ ପହଂଚି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ କରୁଛନ୍ତି। କୋରେଇ ଥାନାରେ କେଶ୍ ନମ୍ବର ୮/୨୦୧୪, ଦଫା ୩୦୨ ଓ ୩୪ ଆଇପିସିରେ ମୋକଦମା ରୁଜୁ କରାଯାଇଥିବା ବେଳେ ଅଭିଯୁକ୍ତ ଫେରାର୍ ହୋଇଯାଇଥିବା ପୁଲିସ୍ ପ୍ରକାଶ କରିଛି।

# ବିଧବାଙ୍କୁ ଦୁଷ୍କର୍ମ ଅଭିଯୋଗ, ଅଭିଯୁକ୍ତ ଗିରଫ

ବାଲୁଗାଁ, ୧୪।୧ (ଇମିସ): ଖୋର୍ଧା ଜିଲ୍ଲା ବାଣପୁର ଥାନା ବଉଳାବନ୍ଧ ଗ୍ରାମରେ ଜଣେ ବିଧବା ମହିଳାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରିଥିବା ଅଭିଯୋଗରେ ଅଭିଯୁକ୍ତ ସନ୍ତୋଷ ପ୍ରଧାନଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି ।

ଅଭିଯୋଗ ଅନୁଯାୟୀ, ବଉଳାବନ୍ଧ ଗ୍ରାମର ଜଣେ ବିଧବା ମହିଳା ଆର୍ଥିକ ଅନଟନ ଯୋଗୁଁ ପରିବାର ପ୍ରତିପୋଷଣ ପାଇଁ ରାଜଧାନୀର ଏକ କମ୍ପାନିରେ ରହି କାର୍ଯ୍ୟ କରି ଆସୁଥିଲେ । ତାଙ୍କର ତିନିଟି ସନ୍ତାନ ଅଛନ୍ତି । ସେ ଉକ୍ତ କମ୍ପାନିରେ କାର୍ଯ୍ୟ କରୁଥିବା ବେଳେ ସେଠାରେ ଜଣେ ସହକର୍ମୀ ସନ୍ତୋଷ ପ୍ରଧାନଙ୍କ ସହ ତାଙ୍କର ବନ୍ଧୁତା ସୃଷ୍ଟି ହୋଇଥିଲା । ସନ୍ତୋଷଙ୍କର ୨ଟି ସନ୍ତାନ ଥିବା ବେଳେ ସେ ନିଜକୁ ଅବିବାହିତ ଦର୍ଶାଇ ଉକ୍ତ ବିଧବା ମହିଳାଙ୍କୁ ବିବାହର ମିଥ୍ୟା ପ୍ରଲୋଭନ ଦେଖାଇ ବାରମ୍ବାର ଦୈହିକ ସଂପର୍କ ସ୍ଥାପନ କରିଆସୁଥିଲା । ତେବେ ପରବର୍ତ୍ତୀ ସମୟରେ ସନ୍ତୋଷ ବିବାହ ପାଇଁ ପ୍ରତ୍ୟାଖ୍ୟାନ କରିବାରୁ ଉକ୍ତ ମହିଳା ବାଧ୍ୟହୋଇ ସନ୍ତୋଷଙ୍କ ଘରକୁ ଯାଇଥିଲେ ଏବଂ ସେଠାରେ ସେ ବିବାହିତ ବୋଲି ଜାଣିବାକୁ ପାଇଥିଲେ । ଉକ୍ତ ବିଧବା ମହିଳା ସନ୍ତୋଷଙ୍କ ଘରେ ସମସ୍ତ ଘଟଣା କହିଥିଲେ ଏବଂ ତାଙ୍କ ଘରେ ରହିବା ପାଇଁ ପରିବାର ଲୋକଙ୍କୁ ନିବେଦନ କରିଥିଲା । ହେଲେ ସନ୍ତୋଷଙ୍କର ପରିବାର ଲୋକେ ତାଙ୍କୁ ମାଡ଼ ଦେଇ ସେଠାରୁ ତଡ଼ି ଦେଇଥିବା ସେ ଅଭିଯୋଗ କରିଛନ୍ତି । ଏହାପରେ ମହିଳାଜଣଙ୍କ ବାଣପୁର ପୁଲିସରେ ଏ ସଂପର୍କରେ ଲିଖିତ ଅଭିଯୋଗ କରିଥିଲେ । ସେ ତିନି ମାସର ଗର୍ଭବତୀ ଥିବା ମଧ୍ୟ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଥିବା ଜଣାପଡ଼ିଛି । ଅଭିଯୋଗକୁ ଭିତ୍ତିକରି ପୁଲିସ କେସ୍ ନଂ.୧୩/୧୪ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସନ୍ତୋଷଙ୍କୁ ଗିରଫ କରିଥିଲା । ଉଭୟଙ୍କୁ ଡାକ୍ତରୀମାଇନା କରାଯାଇଛି । ଆସନ୍ତାକାଲି ସନ୍ତୋଷଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ କହିଛି ।

# ମାନସିକ ନିର୍ଯାତନା, ଶିକ୍ଷୟିତ୍ରୀ ଥାନାର ଦ୍ୱାରସ୍ଥ

## ଶୃଂଖଳା ଭଂଗ କାରଣରୁ ଚାକିରିରୁ ବହିଷ୍କାରଃ କର୍ତ୍ତୃପକ୍ଷ

ରାୟଗଡା,୧୪/୧(ଇ.ମି.ସ): ବିଷମକଟକ ବ୍ଲକ ଅନ୍ତର୍ଗତ ହାଟ ମୁନିଗୁଡ଼ା ରାମକୃଷ୍ଣ ମିଶନ ଆଶ୍ରମର ଶିକ୍ଷୟିତ୍ରୀ ରୁପମ ଶୁକ୍ଲାଙ୍କୁ ମାନସିକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି। ମାତ୍ର ୪ ଦିନ ଛୁଟିରେ ରହିବା ଅପରାଧରେ କର୍ତ୍ତୃପକ୍ଷ ତାଙ୍କୁ ଚାକିରିରୁ ବହିଷ୍କାର କରିଥିବା ନେଇ ଆଜି ସେ ମୁନିଗୁଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଗତକାଲି ଶିକ୍ଷୟିତ୍ରୀ ରୁପମ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ରାମକୃଷ୍ଣ ମିଶନ ଆଶ୍ରମ କର୍ତ୍ତୃପକ୍ଷଙ୍କ କାର୍ଯ୍ୟକଳାପ ଓ ତାଙ୍କୁ ମାନସିକ ନିର୍ଯାତନା ଦିଆଯାଉଥିବା ନେଇ ଜିଲ୍ଲାପାଳ ଡ ଶଶି ଭୂଷଣ ପାଢୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ଆଜି ସେ ଥାନାରେ ଏତଲା ଦେଇଛନ୍ତି।



ଶିକ୍ଷୟିତ୍ରୀ ରୁପମ ଶୁକ୍ଲା ଅଭିଯୋଗ କରିଛନ୍ତି ଯେ ଆଶ୍ରମ କର୍ତ୍ତୃପକ୍ଷ ଅନେକ ସମୟରେ ମାନସିକ ନିର୍ଯାତନା ଦେଇ ଆସୁଛନ୍ତି। ସେ ଜରୁରୀ କାମରେ ୪ ଦିନ ଛୁଟିରେ ଯାଉଥିବା ସଂପର୍କରେ ଲିଖିତ ଭାବେ ଦରଖାସ୍ତ ଦେଇଥିଲେ। ଛୁଟି ନେବାରୁ ତାଙ୍କୁ କର୍ତ୍ତୃପକ୍ଷ ଚାକିରିରୁ ବହିଷ୍କାର କରିଥିବା ନେଇ ଆଜି ଶିକ୍ଷୟିତ୍ରୀ ଜଣକ ମୁନିଗୁଡ଼ା ଥାନାରେ ଏତଲା ଦାୟର କରିଛନ୍ତି। ଯଦି ଉଚିତ ନ୍ୟାୟ ନମିଳେ ତେବେ ସେ ଆତ୍ମହତ୍ୟା କରିବାକୁ ବାଧ୍ୟ ହେବେ ବୋଲି ପରୋକ୍ଷରେ ଚେତାବନୀ ଦେଇଛନ୍ତି।

ଅପର ପକ୍ଷରେ ରାମକୃଷ୍ଣ ମିଶନ ସଂପାଦକ ସ୍ୱାମୀ ଭିଷକାନନ୍ଦ ଶିକ୍ଷୟିତ୍ରୀଙ୍କ ବହିଷ୍କାର ନୋଟିସରେ ଦର୍ଶାଇଛନ୍ତି ଯେ ଆଶ୍ରମରେ ଯୋଗଦେବା ସମୟରେ କୁହାଯାଇଥିବା ନୀତି ନିୟମକୁ ଅମାନ୍ୟ କରି ପୁରୁଷ ଶିକ୍ଷକମାନଙ୍କ ସହ କଥାବାର୍ତ୍ତା କରି ଶୃଂଖଳା ଭଂଗ କରିଥିବା, ଠିକ ସମୟରେ ଶ୍ରେଣୀକୁ ଯାଇ ପାଠ ପଢାଉନଥିବା, ଠିକ୍ ସମୟରେ ଖାଇବାକୁ ଡ଼ାଇନିଂ ହାଲକୁ ଆସୁନଥିବା ଓ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ୪ ଦିନ ଛୁଟିରେ ବାହାରକୁ ଚାଲିଯିବା କାରଣରୁ ବହିଷ୍କାର କରାଯାଇଛି ବୋଲି ଦର୍ଶାଇଛନ୍ତି। ଆଜି ମୁନିଗୁଡ଼ା ଥାନାରେ ଶିକ୍ଷୟିତ୍ରୀ ଜଣକ ୪ ଘଣ୍ଟା କାଳ ଅପେକ୍ଷା କରିବା ପରେ ଉପରରୁ ନିର୍ଦ୍ଦେଶ ଆସିବା ପରେ ରୁପମ ଶୁକ୍ଲାଙ୍କ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀଙ୍କ ଅଭଭାବକ ମଧ୍ୟ ଏବେ ମୁନିଗୁଡ଼ା ଆସି ଝିଅ ସହ ଲଜ୍‌ରେ ରହି ନ୍ୟାୟ ପାଇଁ ସଂଗ୍ରାମ କରୁଛନ୍ତି।

# ଡାହାଣୀ କହି ସ୍କୁଲରୁ ତଡ଼ିଦେଲେ

## ଶିକ୍ଷକ ଶିକ୍ଷୟିତ୍ରୀ କହିଲେ, ରାତିରେ ବିଲେଇ ହୋଇ ରକ୍ତ ଶୋଷୁଛି ପ୍ରଥମ ଶ୍ରେଣୀ ଛାତ୍ରୀ

ତେଲକୋଇ,୪।୧ (ଇମିସ): ଡାହାଣୀ ବୋଲି କହି ଜଣେ ଆଦିବାସୀ ଛାତ୍ରୀକୁ ସେବାଶ୍ରମ ସ୍କୁଲରୁ ତଡ଼ି ଦିଆଯାଇଛି। କୋଉ ଅପାଠୁଆ ଗାଁ ଲୋକ ନୁହନ୍ତି, ଖୋଦ୍ ଏହି ସେବାଶ୍ରମ ସ୍କୁଲର ଶିକ୍ଷୟିତ୍ରୀମାନେ ଆଣିଛନ୍ତି ଏପରି ଅଭିଯୋଗ। କହିଛନ୍ତି ପ୍ରଥମ ଶ୍ରେଣୀରେ ପଢୁଥିବା ଏହି ଛାତ୍ରୀ କୁଆଡ଼େ ରାତିରେ ବିଲେଇ ପାଲଟି ଯାଉଛି। ଅନ୍ୟମାନଙ୍କ ରକ୍ତ ଶୋଷୁଛି। ଏଭଳି ଡାଆଣୀକୁ ସେବାଶ୍ରମରେ ରଖାଯାଇ ପାରିବ ନାହିଁ। ଏପରି ଅଜବ ଅଭିଯୋଗ ଆଣି ଛାତ୍ରୀକୁ ଗତକାଲି ସେମାନେ ସ୍କୁଲରୁ ବାହାର କରିଦେଇଛନ୍ତି। ତା ଜିନିଷପତ୍ର ବି ବାହାରେ ଫିଙ୍ଗି ଦେଇଛନ୍ତି। ବିଚାରୀ ଛାତ୍ରୀ ଜଣକ ନିଜର ବାକ୍ସ, ପୋଷାକପତ୍ର ଓ ବହିପତ୍ର ନେଇ ଘରକୁ ପଳାଇବାକୁ ବାଧ୍ୟ ହୋଇଛି। ରାଜ୍ୟରୁ ଗୁଣିଗାରେଡ଼ି ଓ ଅନ୍ଧବିଶ୍ୱାସ ଦୂର କରିବାକୁ ସରକାର ସ୍ୱତନ୍ତ୍ର ଆଇନ୍ ପ୍ରଣୟନ କରିଥିବା ବେଳେ ଏମିତି ଏକ ଅଭାବନୀୟ ଘଟଣା ଘଟିଛି କେନ୍ଦୁଝର ଜିଲ୍ଲା ତେଲକୋଇ ଅଞ୍ଚଳରେ। ଅନ୍ଧବିଶ୍ୱାସକୁ ନେଇ ଜଣେ କୋମଳମତି ଛାତ୍ରୀକୁ ସ୍କୁଲରୁ ବାହାର କରିଦେବା



ବାପାଙ୍କ ସହ ଛାତ୍ରୀ ତହସିଲ ଅଫିସ୍ ବାରଣ୍ଡାରେ

ଘଟଣାକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଥିବା ବେଳେ ଆଜି ସଂପୃକ୍ତ ଛାତ୍ରୀ ଓ ତା'ର ବାପା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି।

ଅଭିଯୋଗ ମୁତାବକ, ତେଲକୋଇ ଥାନା ଖୁଣ୍ଟାପଡ଼ା ପଞ୍ଚାୟତ କୁଲାଡ଼େରା କେନ୍ଦୁଆଦରୀ ମୁଣ୍ଡାସାହିର ସମିତା ମୁଣ୍ଡା (୭, ଛଦ୍ମନାମ) ଗତବର୍ଷରୁ ତେଲକୋଇ ତଳସାହି ସେବାଶ୍ରମରେ ରହି ପ୍ରଥମ ଶ୍ରେଣୀରେ ପାଠ ପଢୁଥିଲା। ଧାନକଟା ଛୁଟି ପରେ ଗତକାଲି ସମିତା ବାପାଙ୍କ ସହିତ ଏକ ଅଟୋରେ ଯାଇ ସେବାଶ୍ରମ ସ୍କୁଲରେ ପହଞ୍ଚିଥିଲା। କିନ୍ତୁ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀମାନେ ସମିତାକୁ ସେବାଶ୍ରମରେ ରଖିବାକୁ ରୋକଠୋକ ମନା କରିଦେଇଥିଲେ। କହିଥିଲେ ସେ ରାତିରେ ବିଲେଇ ରୂପ ନେଉଛି, ଡାହାଣୀ ହୋଇ ରକ୍ତ ଶୋଷୁଛି। ତା'ର ଜିନିଷପତ୍ର, ବାକ୍ସ ସେବାଶ୍ରମରୁ ବାହାର କରିଦେଇ ଘରକୁ ପଳାଇବାକୁ ବାଧ୍ୟ କରିଥିଲେ। ଛୋଟିଆ ପିଲାଟି ପାଠ ପଢ଼ିବାକୁ ଆସିଛି। ସେ କେମିତି ଡାଆଣୀ ହେବ ବୋଲି ବାପା ବୀରସିଂ ମୁଣ୍ଡା କାକୁତିମିନତି

➡ ୯

## ଡାହାଣୀ କହି ସ୍କୁଲରୁ ...

ହୋଇ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଉପାୟହୀନ ହୋଇ ବାପ ଝିଅ ବାକ୍ସ, ଲୁଗାପଟା, ବହିପତ୍ର ବ୍ୟାଗ ଧରି ସେବାଶ୍ରମ ସ୍କୁଲରୁ ଫେରି ଆସିଥିଲେ। ଏ ନେଇ ସେମାନେ ସ୍ଥାନୀୟ ତହସିଲଦାରଙ୍କୁ ଭେଟି ଗୁହାରି କରିଥିଲେ। ସ୍କୁଲ କର୍ତ୍ତୃପକ୍ଷଙ୍କ ସହ କଥାବାର୍ତ୍ତା ହେବା ପରେ ସୋମବାରଠାରୁ ଝିଅଟି ସ୍କୁଲକୁ ଯିବ ଓ ପାଠ ପଢ଼ିବ ବୋଲି ତହସିଲଦାର ଅକ୍ଷୟ କୁମାର ମଲ୍ଲିକ ପ୍ରକାଶ କରିଛନ୍ତି। ବ୍ଲକ ଶିକ୍ଷା ଅଧିକାରୀଙ୍କ ଦାୟିତ୍ୱରେ ଥିବା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅକ୍ଷୟ କୁମାର ବିଶ୍ୱାଳଙ୍କୁ ଏ ସଂପର୍କରେ ପଚରାଯିବାରୁ ଛାତ୍ରୀଙ୍କୁ ଡାଆଣୀ କୁହାଯିବା ଏବଂ ସେବାଶ୍ରମରୁ ବାହାର କରିଦେବା ଅଭିଯୋଗର ତଦନ୍ତ କରାଯିବ ବୋଲି କହିଥିଲେ।

# ଦୁଷ୍କର୍ମ ଉଦ୍ୟମ ପରେ ନାବାଳିକାଙ୍କ ଆତ୍ମହତ୍ୟା



## ଅଭିଯୁକ୍ତକୁ ଧରି ପୁଲିସ ଜିମା ଦେଲେ ଗ୍ରାମବାସୀ

କୋରେଇ ,୫/୧ (ଇମିସ): କୋରେଇ ଥାନା ଅନ୍ତର୍ଗତ ତଳଗଡ଼ ପଂଚାୟତ ଉପରଗଡ଼ ଗାଁରେ ଦୁଷ୍କର୍ମ ଉଦ୍ୟମର ଶିକାର ହୋଇଥିବା ନାବାଳିକା ରଶ୍ମିତା ନାୟକ(୧୭) ଆଜି ଆତ୍ମହତ୍ୟା କରିଛନ୍ତି। ଅଭିଯୁକ୍ତ ରାଜନ ଭୋଇ(୨୦)କୁ ଉତ୍ତ୍ୟକ୍ତ ଗ୍ରାମବାସୀ କାବୁ କରି ପୁଲିସକୁ ହସ୍ତାନ୍ତର କରିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଉତ୍ତେଜନା ପ୍ରକାଶ ପାଇଛି। କୋରେଇ ପୁଲିସ୍ ଅଭିଯୁକ୍ତକୁ ଗିରଫ କରିବା ସହ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ କରୁଛି।

ପ୍ରକାଶ ଯେ ଆଜି ସକାଳେ ତଳଗଡ଼ ପଂଚାୟତ ଉପରଗଡ଼ ଗାଁର ଲକ୍ଷ୍ମୀଧର ନାୟକଙ୍କ ଝିଅ ରଶ୍ମିତା ନାୟକ ଘର ଠାରୁ ଅଳ୍ପ ଦୂରରେ ଥିବା ନାଳକୁ ଗାଧୋଇ ଯାଇଥିଲେ। ନାଳରେ ଗାଧୋଉଥିବା ବେଳେ ➡ ୯

# ଦୁଷ୍କର୍ମ ଉଦ୍ୟମ ପରେ ନାବାଳିକାଙ୍କ ...

ସେହି ଗ୍ରାମର ପ୍ରହ୍ଲାଦ ଭୋଇଙ୍କ ପୁଅ ରାଜନ୍ ଭୋଇ ସେଠାରେ ପହଂଚି ରଶ୍ମିତାଙ୍କୁ ଅଶାଳୀନ ବ୍ୟବହାର କରିଥିଲା। ବହୁ ସମୟରେ ଅଶ୍ଳୀଳ ଇଙ୍ଗିତ କରୁଥିବା ରାଜନ୍‌ର ଖରାପ ବ୍ୟବହାରରେ ଅତିଷ୍ଠ ହୋଇ ରଶ୍ମିତା ନାଳରୁ ଫେରିଆସିଥିଲେ। ହେଲେ ରାଜନ୍ ପୁଣି ରଶ୍ମିତାଙ୍କୁ ଫେରିବା ରାସ୍ତାରେ ଭିଡ଼ି ଧରି ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲା। ରଶ୍ମିତାଙ୍କ ଚିତ୍କାର ଶୁଣି ନିକଟରେ ଥିବା ସେହି ଗ୍ରାମର କାଳନ୍ଦୀ ଭୋଇ ନାମକ ଜନୈକ ବୃଦ୍ଧ ଘଟଣାସ୍ଥଳକୁ ଯାଇ ରାଜନ୍‌କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ସେଥିରେ ବି ରାଜନ୍ ରଶ୍ମିତାଙ୍କୁ ନଛାଡ଼ିବାରୁ କାଳନ୍ଦୀ ଲୋକଙ୍କୁ ଡ଼ାକ ପକାଇଥିଲେ। ଫଳରେ ରାଜନ୍ ରଶ୍ମିତାଙ୍କୁ ଛାଡ଼ି ଘଟଣାସ୍ଥଳରୁ ପଳାଇ ଯାଇଥିଲା। ଘଟଣା ସମୟରେ ରଶ୍ମିତାଙ୍କ ବାପା,ମା' ନିକଟ ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ ପାଇଁ ଚାଲି ଯାଇଥିଲେ। ଘରେ ଏକୁଟିଆ ଥିବା ରଶ୍ମିତା ଅପମାନ ସହି ନପାରି ନିଜ ଓଢ଼ଣୀରେ ଫାସି ଲଗାଇ ଆତ୍ମହତ୍ୟା କରିଦେଇଥିଲେ। ରଶ୍ମିତା ଆତ୍ମହତ୍ୟା ଖବର ଜଣାପଡ଼ିବା ପରେ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା।

ଗାଁ ଲୋକମାନେ ଅଭିଯୁକ୍ତ ଯୁବକ ରାଜନ୍‌କୁ ଧରି ନିସ୍ତୁକ ମାଡ଼ ଦେଇଥିଲେ। ଖବର ପାଇ କୋରେଇ ଥାନା ଏସ୍‌ଆଇ ଶରତ ଚନ୍ଦ୍ର ଗିରି ଘଟଣାସ୍ଥଳରେ ପହଂଚି ଶବ ଜବତ କରି ବ୍ୟବଛେଦ ପାଇଁ ପଠାଇଥିଲେ। କୋରେଇ ଥାନାରେ କେଶ୍ ନମ୍ବର ୫/୧୪, ଦଫା ୩୫୪, ୩୦୬ ଆଇପିସିରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ରାଜନ୍‌କୁ ଗିରଫ କରାଯାଇଛି। ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିବାରୁ ପୁଲିସ୍ ସତର୍କ ଦୃଷ୍ଟି ରଖିଛି।

# ଭିନ୍ନକ୍ଷମ ନାବାଳିକାଙ୍କୁ ନାବାଳକର ଦୁଷ୍କର୍ମ

ନିଶ୍ଚିନ୍ତକୋଇଲି,୪।୧(ଇମିସ): ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ କଟରପଡା ପଞ୍ଚାୟତସ୍ଥ ପିଠାପଡା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ନବମ ଶ୍ରେଣୀରେ ପାଠ ପଢୁଥିବା ଜଣେ ନାବାଳକ ଛାତ୍ର ଚତୁର୍ଥ ଶ୍ରେଣୀରେ ପଢୁଥିବା ଜଣେ ଭିନ୍ନକ୍ଷମ ନାବାଳିକା ଛାତ୍ରୀଙ୍କ ସହ ଦୁଷ୍କର୍ମ କରିଥିବା ଥାନାରେ ଅଭିଯୋଗ ହୋଇଛି। ଘଟଣା ସଂପର୍କରେ ଝିଅର ମା' ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗତକାଲି ସ୍ଥାନୀୟ ବିଦ୍ୟାପୀଠ ନିଟକସ୍ଥ ସ୍ୱପ୍ନେଶ୍ୱର ଖେଳପଡିଆରେ ବାର୍ଷିକ କ୍ରୀଡା ଚାଲୁଥିବା ବେଳେ ନାବାଳିକା ଜଣକ ତା'ର ଭାଇ ସହ ଖେଳ ଦେଖିବାକୁ ଯାଇଥିଲେ। ସ୍ଥାନୀୟ ବିଦ୍ୟାପୀଠର ନବମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ର ଜଣକ ନାବାଳିକାଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇ ଦୁଷ୍କର୍ମ କରିଥିଲା। ଭାଇ-ଭଉଣୀ ଘଟଣା ସଂପର୍କରେ ମା'କୁ ଜଣାଇଥିଲେ। ପରେ ଝିଅକୁ ଚିକିତ୍ସା ପାଇଁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଚିକିତ୍ସା ପାଇଁ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଘଟଣା ସଂପର୍କରେ ଥାନାରେ ଅଭିଯୋଗ ହେବା ପରେ ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଉଭୟଙ୍କ ଡାକ୍ତରୀମାଇନା କରାଯିବା ପରେ ଏକ ମାମଲା ରୁଜୁ କରାଯାଇଛି। ଛାତ୍ରୀ ଜଣକ ମାନସିକ ବିକାରଗ୍ରସ୍ତ ଭିନ୍ନକ୍ଷମ ବୋଲି ଜଣାପଡିଛି।

# ମଧ୍ୟାହ୍ନ ଭୋଜନ ଖାଇ ୨୧ ଛାତ୍ରଛାତ୍ରୀ ଅସୁସ୍ଥ



ବାଲୁଗାଁ,୬।୧(ଇମିସ):ଆଜି ଚିଲିକା ବ୍ଲକ ନିମିକ୍ଷେତା ପଞ୍ଚାୟତର ଇଂଜନପୁର ଗାଁରେ ଥିବା ଚିଲିକା ନୋଡାଲ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଖାଇ ୨୧ଜଣ ଛାତ୍ରଛାତ୍ରୀ ଅସୁସ୍ଥ ହୋଇଛନ୍ତି। ଅସୁସ୍ଥ ଛାତ୍ରଛାତ୍ରୀମାନଙ୍କୁ ଚିକିତ୍ସା ପାଇଁ ବାଲୁଗାଁ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ସ୍କୁଲରେ ଥିବା ଚାଉଳ ଓ ରନ୍ଧା ଖାଦ୍ୟକୁ ପୁଲିସ ଜବତ କରି ଘଟଣାର ତଦନ୍ତ ଚଳାଇଛି।

ଘଟଣାରୁ ପ୍ରକାଶ ଯେ ଆଜି ଚିଲିକା ନୋଡାଲ ପ୍ରାଥମିକ ବିଦ୍ୟାଳୟରେ ଗଚ୍ଛିତ ଥିବା ଚାଉଳରେ ରୋଷେଇ ହୋଇଥିଲା। ଖେଳଛୁଟି ପରେ ପ୍ରଥମେ ଷଷ୍ଠ ଓ ସପ୍ତମ ଶ୍ରେଣୀର ୨୧ଜଣ ଛାତ୍ରଛାତ୍ରୀ ଭୋଜନ କରିଥିଲେ। ଖାଇବାର କିଛି ସମୟ ପରେ ସମସ୍ତ ଛାତ୍ରଛାତ୍ରୀ ବାନ୍ତି କରିବା ସହିତ ମୁଣ୍ଡ ଓ ପେଟରେ ଯନ୍ତ୍ରଣା ହେଉଥିବା ଅନୁଭବ କରିଥିଲେ। ଏହି ଘଟଣା ପରେ ସ୍କୁଲର ଅବଶିଷ୍ଟ ୧୦୩ ଛାତ୍ରଛାତ୍ରୀଙ୍କୁ ଆଉ ଖାଇବାକୁ ଦିଆଯାଇ ନ ଥିଲା। ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଅସୁସ୍ଥ ଛାତ୍ରଛାତ୍ରୀଙ୍କୁ ବାଲୁଗାଁ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ବିକାଶ ବେହେରା, ଶୁଭମ୍ ବେହେରା, ରାଜେଶ ପଲେଇ, ଶିବୁ ପ୍ରଧାନ, ଶିବାନୀ ପଲାଇ, ମହେଶ ସାହୁ, ଜଗନ ପଲାଇ, ସୁଶିଲ ସେଠୀ, ଚନ୍ଦ୍ରମା ସୁବୁଦ୍ଧି, ମଧୁସ୍ମିତା ବେହେରା, ଶୋଭନୀ ସାହୁ, ମମତା ସାହୁ, ଯଶସ୍ୱିନୀ ଦାଶ, ଲକ୍ଷ୍ମୀପ୍ରିୟା ପାଣି, ଅଦିତି ଓଁକାର, ସୋନାଲି ସେଠୀ, ସୁନୟନା ବାରିକ, ସ୍ୱର୍ଣପ୍ରିୟା ବେହେରା, ବୈଶାଖୀ ବେହେରା, ଶୁଭସ୍ମିତା ସାହୁ ପ୍ରମୁଖ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ଲକ୍ଷ୍ମୀପ୍ରିୟା ପାଣି, ଅଦିତି ଓଁକାର, ସୋନାଲି ସେଠୀ ଓ ସୁନୟନା ବାରିକଙ୍କ ଅବସ୍ଥା ଗୁରୁତର ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ଦୀର୍ଘଦିନ ଧରି ରହିଯାଇଥିବା ପୋକରା ଚାଉଳରେ ରୋଷେଇ ହୋଇଥିବାରୁ ଏପରି ଅଘଟଣ ଘଟିଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଚିଲିକା ବିଡିଓ କେଳୁଚରଣ ରଣସିଂହ ଓ ବ୍ଲକ ଶିକ୍ଷାଧିକାରୀ ନଳିନୀ ତ୍ରିପାଠୀ ଡାକ୍ତରଖାନାରେ ପହଞ୍ଚି ଛାତ୍ରଛାତ୍ରୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ରନ୍ଧାଖାଦ୍ୟକୁ ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ଯାଞ୍ଚ କରାଯିବ ବୋଲି ଶିକ୍ଷାଧିକାରୀ ଶ୍ରୀମତୀ ତ୍ରିପାଠୀ କହିଛନ୍ତି।

# ହଷ୍ଟେଲ ଛାଡ଼ିଲେ ୯୦ ଛାତ୍ରଛାତ୍ରୀ

ଟିକିରି,୬/୧(ଇମିସ)ଃ କାଶିପୁର ବ୍ଲକ ତକଝିରି ପଞ୍ଚାୟତର ଲାକ୍ରିଶ ପ୍ରାଥମିକ ବିଦ୍ୟାଳୟ ଓ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ହଷ୍ଟେଲରେ ରହୁଥିବା ୯୦ଜଣ ଛାତ୍ରଛାତ୍ରୀ ଆଜି ହଷ୍ଟେଲ ଛାଡି ଚାଲି ଯାଇଥିବା ଜଣାପଡିଛି। ଯିବା ପୂର୍ବରୁ ଛାତ୍ରଛାତ୍ରୀମାନେ ହଷ୍ଟେଲ କାନ୍ଥରେ ସେମାନେ ହଷ୍ଟେଲ ଛାଡି ଚାଲି ଯିବାର କାରଣ ଉଲ୍ଲେଖ କରିଛନ୍ତି। ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ପି.ଏମ ନାୟକଙ୍କୁ ପୁଣି ଏହି ବିଦ୍ୟାଳୟକୁ ଫେରାଇ ଆଣିବାକୁ ଛାତ୍ରଛାତ୍ରୀମାନେ ଦାବି କରି ହଷ୍ଟେଲ ଛାଡିଥିବା ଜଣାଇଛନ୍ତି। ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନବ କିଶୋର ଦାଶଙ୍କୁ ପଚାରିବାରୁ ଆଜି ସକାଳେ ପିଲାମାନେ କାହାରିକୁ କିଛି ନକହି ହଷ୍ଟେଲ ଛାଡି ଚାଲି ଯାଇଥିବା ପ୍ରକାଶ କରିଛନ୍ତି। ସେହିପରି ପିଲାମାନେ କିଭଳି ପୁଣି ହଷ୍ଟେଲକୁ ଆସି ପାଠପଢା ଆରମ୍ଭ କରିବେ ସେନେଇ ବ୍ୟବସ୍ଥା ମଧ୍ୟ ଚାଲିଥିବା ସେ କହିଛନ୍ତି। ଏହି ବିଷୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାମଦାସ ମାଝୀ, କମିଟି ସଦସ୍ୟ ମହେନ୍ଦ୍ର ନାଏକଙ୍କୁ ପଚାରିବାରୁ ପିଲାମାନେ ହଷ୍ଟେଲ ଛାଡି ଚାଲି ଯିବା ଘଟଣା ସେମାନେ ଜାଣିନଥିବା କହିଥିଲେ। ହଷ୍ଟେଲ ଠିକ୍ ରୂପେ ଚାଲିଛି, ସେଥିରେ କୌଣସି ବ୍ୟତିକ୍ରମ ହୋଇନାହିଁ ଉଭୟ ପ୍ରକାଶ କରିଥିଲେ। ଅନ୍ୟପଟେ ହଷ୍ଟେଲ ଛାଡି ଚାଲି ଯାଇଥିବା ଛାତ୍ରୀ ନାଇକେଶି ମାଝୀ, ଶ୍ରୀମତି ମାଝୀ, ସୁନାଦେଇ ମାଝୀ, ସରସ୍ୱତୀ ମାଝୀ, ସୁବର୍ଣ୍ଣ ମାଝୀ ପ୍ରମୁଖଙ୍କୁ ହଷ୍ଟେଲ ଛାଡି ଯିବା ସଂପର୍କରେ ପଚାରିବାରୁ ଆଗକୁ ଚୋକିମରା ପର୍ବ ରହିଥିବା ସେମାନେ କହିଥିଲେ। ତେଣୁ ଘରକୁ ଯାଉଛୁ ବୋଲି ଛାତ୍ରୀମାନେ କହିଥିଲେ ହେଁ ଅନ୍ୟ କିଛି କାରଣ ସଂପର୍କରେ ସେମାନେ କହିନଥିଲେ।



# ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା

## ଦୁଇ ଭାଇଙ୍କ ନାମରେ ଏତଲା; ଜଣେ ଗିରଫ

ଅନୁଗୁଳ,୬।୧ (ଇମିସ): ବିବାହର ପ୍ରତିଶ୍ରୁତି ଦେଇ ଜଣେ ନାବାଳିକାକୁ ପ୍ରତାରଣା କରିବା ଅଭିଯୋଗରେ ଆଠମଲ୍ଲିକ ଉପଖଣ୍ଡ ଠାକୁରଗଡ଼ ଥାନା ଧୁଟୁକିବାହାଳ ଗ୍ରାମର ବିପିନ୍ ନାଏକ ଓ ତା'ର ସଂପର୍କୀୟ ଭାଇ ପରମା ନାଏକ ନାମରେ ପୁରୁଣାକୋଟ ଥାନା ପୁଲିସ ମାମଲା ରୁଜୁ କରିଛି। ବିପିନ୍‌କୁ ପୁଲିସ ଗିରଫ କରିଥିବା ବେଳେ ସଂପୃକ୍ତ ନାବାଳିକା ଓ ଅଭିଯୁକ୍ତର ଆଜି ଡାକ୍ତରୀ ପରୀକ୍ଷା କରାଯାଇଛି।

ପୁଲିସ ସୂତ୍ରରୁ ପ୍ରକାଶ, ପୁରୁଣାକୋଟ ଥାନା କୁଶଖାଳା ଗ୍ରାମର ମିନୁ (୧୫, ଛଦ୍ମନାମ) ଓ ବିପିନ୍ ପରସ୍ପରକୁ ଭଲ ପାଉଥିଲେ। ମିନୁର ଜଣେ ସଂପର୍କୀୟ ଭାଇ ଧୁଟୁକିବାହାଳ ଗ୍ରାମରେ ଘର ଜ୍ୱାଇଁ ହୋଇ ରହୁଥିବାରୁ ଏହି ଆଧାରରେ ଉଭୟଙ୍କ ମଧ୍ୟରେ ଯୋଗସୂତ୍ର ସ୍ଥାପନ ହୋଇଥିଲା। ବିବାହ କରିବାକୁ ଗତ ମାସ ୬ ତାରିଖରେ ମିନୁକୁ ବିପିନ୍ ଘରୁ ଉଠାଇ ନେଇ ସ୍ତ୍ରୀ ଭାବେ ନିଜ ଘରେ ରଖିଥିଲା। ୧୫ ଦିନ ସ୍ୱାମୀ-ସ୍ତ୍ରୀ ହୋଇ ରହିବା ପରେ ଧୁଟୁକିବାହାଳ ଗ୍ରାମର ଅନ୍ୟ ଜଣେ ଯୁବତୀ ଏହାର ପ୍ରତିବାଦ କରିଥିଲେ। ପୂର୍ବରୁ ବିବାହ କରିବାକୁ କଥା ଦେଇ ବିପିନ୍ କୁଆଡେ ତା' ସହ ସଂପର୍କ ରଖିଥିଲା ବୋଲି ସଂପୃକ୍ତ ଯୁବତୀ ଦାବି କରିଥିଲେ। ପୁଲିସ କେସ୍ ଭୟରେ ବିପିନ୍ ସେହି ଗ୍ରାମର ଯୁବତୀଙ୍କୁ ବିବାହ କରିବାକୁ ରାଜି ହୋଇ ମିନୁକୁ ତା'ର ଜଣେ ସଂପର୍କୀୟ ସାନଭାଇ ପରମା ନାଏକ ହାତରେ ଛନ୍ଦି ଦେଇଥିଲା। ପରିବାର ଲୋକଙ୍କ ଅରାଜିରେ ଘରୁ ପଳାଇ ଆସିଥିବା ମିନୁ ବି ଅନ୍ୟ ଉପାୟ ନପାଇ ବିପିନ୍ ପ୍ରସ୍ତାବରେ ରାଜି ହୋଇଯାଇଥିଲା ଏବଂ ବିପିନ୍ ଘର ଛାଡ଼ି ପରମା ଘରେ ଯାଇ ରହିଥିଲା। ସେପଟେ ପରିବାର ଲୋକ ମିନୁକୁ ଖୋଜାଖୋଜି କରି ପରମା ଘରେ ଠାବ କରିବା ପରେ ଗତକାଲି ଏ ସଂପର୍କରେ ପୁଲିସରେ ଅଭିଯୋଗ କରିଥିଲେ। ପୁରୁଣାକୋଟ ଥାନା ପୁଲିସ ଗତକାଲି ଚଢ଼ଉ କରି ବିପିନ୍‌କୁ ଗିରଫ କରିଥିବା ବେଳେ ପରମା ଫେରାର୍ ଥିବା ଜଣାଯାଇଛି।

# ଓଡ଼ିଶାର ୧୪୧ ଶିଶୁ ତାମିଲନାଡୁରୁ ଉଦ୍ଧାର

ପାରଳାଖେମୁଣ୍ଡି,୬।୧(ଇମିସ): ତାମିଲନାଡୁର କୋଇମ୍ବାଟୁର ଜିଲ୍ଲାରେ ଉଦ୍ଧାର ହୋଇଛନ୍ତି ଦକ୍ଷିଣ ଓଡ଼ିଶାର ୧୪୧ ଜଣ ଶିଶୁ । ଏମାନଙ୍କୁ ପାଠ ପଢ଼ାଇବା ସ୍ୱପ୍ନ ଦେଖାଇ ନିଜ ନିଜ ଗ୍ରାମରୁ ତାମିଲନାଡୁ ରାଜ୍ୟକୁ ନିଆ ଯାଇଥିଲା। ଏ ସମସ୍ତ ଶିଶୁ ହେଉଛନ୍ତି ଦକ୍ଷିଣ ଓଡ଼ିଶାର ଗଜପତି, ରାୟଗଡା, କୋରାପୁଟ୍ ଏବଂ କନ୍ଧମାଳ ଜିଲ୍ଲାର। ସମ୍ବାଦକୁ ହସ୍ତଗତ ହୋଇଥିବା ତଥ୍ୟ ଅନୁସାରେ ଗତବର୍ଷ ଖ୍ରୀଷ୍ଟମାସ ପରେ କୋଇମ୍ବାଟୁର ଏକ ଘରୋଇ ଡାକ୍ତରଖାନାରେ ବିଷାକ୍ତ ଖାଦ୍ୟ ଖାଇ ଝାଡାବାନ୍ତିରେ ପିଡିତ ହୋଇଥିବା ୧୯ ଜଣ ନାବାଳକଙ୍କୁ ଭର୍ତ୍ତି କରାଯାଇଥିଲା । ଏମାନଙ୍କ ମଧ୍ୟରୁ ବିହାର ରାଜ୍ୟର ଏକ ବାଳକର ମୃତ୍ୟୁ ଘଟିଥିଲା । ସ୍ଥାନୀୟ କଲେକ୍ଟର ଅର୍ଚ୍ଚନା ପଟ୍ଟନାୟକ ଏହି ଖବର ପାଇବା ପରେ ମହିଳା ଓ ଶିଶୁ ବିଭାଗ ଅଧିକାରୀଙ୍କ ଜରିଆରେ ତଦନ୍ତ ଆରମ୍ଭ କରିଥିଲେ ଓ ଏହି ବାଳକମାନେ ହୋମ୍ ଅଫ୍ ହୋପ୍ ଇଣ୍ଟର ନ୍ୟାସନାଲ୍ ନାମକ ଏକ ସଂସ୍ଥାରେ ରହି ପାଠ ପଢୁଥିବା ଜଣାପଡୁଥିଲା। ବିନା ଅନୁମତିରେ ଏହି ସଂସ୍ଥା କାର୍ଯ୍ୟ କରୁଥିଲା ଓ ଜିଲ୍ଲାପ୍ରଶାସନ ନିକଟରେ ଏହାର ପଂଜିକରଣ ମଧ୍ୟ ହୋଇନଥିଲା। ଉକ୍ତ ଅନୁଷ୍ଠାନକୁ ଚଢ଼ାଉ କରିବା ପରେ ସେଠାରୁ ୧୪୧ ଜଣ ଓଡ଼ିଶାର ପିଲାମାନଙ୍କୁ ଉଦ୍ଧାର କରାଯାଇଛି ଓ ଏମାନଙ୍କ ମଧ୍ୟରେ ୩୮ ଜଣ ଗଜପତି ଜିଲ୍ଲାର ବୋଲି ଜଣାପଡିଛି। ମହିଳା ଓ ଶିଶୁ ଉନ୍ନୟନ ବିଭାଗର ସଚ୍ଚିବ ଆରତୀ ଆହୁଜାଙ୍କୁ ଏହି ସୂଚନା ଦିଆଯାଇଥିଲା ଓ ତାଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଶାରୁ ଏକ ତିନିଜଣିଆ ଦଳ କୋଇମ୍ବାଟୁର ଗସ୍ତ କରିଥିଲେ। ଏମାନେ ହେଲେ ଭୁବନେଶ୍ୱରର ପ୍ରମୋଦ ଦାସ, ଗଜପତିର ପ୍ରମୋଦ ନାୟକ, ଏବଂ ରାୟଗଡାର ରମେଶ ଚନ୍ଦ୍ର ନାୟକ । ଉଦ୍ଧାର ହୋଇଥିବା ପିଲାମାନଙ୍କର ସ୍ୱାସ୍ଥ୍ୟ ଚିକିତ୍ସା ପରେ ସେମାନଙ୍କୁ ଆସନ୍ତା କାଲି ଧାନବାଦ୍ ଏକ୍ସପ୍ରେସ୍ ଜରିଆରେ ୭୨ ଜଣଙ୍କୁ ଓଡ଼ିଶା ଫେରାଇ ଅଣାଯାଉଛି ବୋଲି ସଚିବ ସୂଚନା ଦେଇଛନ୍ତି। ଫେରୁଥିବା ପିଲାମାନଙ୍କ ମଧ୍ୟରୁ ୨୮ ଜଣ ଗଜପତିରୁ ,୨୯ ଜଣ ରାୟଗଡାରୁ ଓ ୧୨ଜଣ କୋରାପୁଟର ଓ ୫ଜଣ କନ୍ଧମାଳ ଜିଲ୍ଲାର ବୋଲି ଖବର ମିଳିଛି ।

## କ୍ରୀଡ଼ା ଛାତ୍ରାବାସକୁ ମନୋନୀତ ଛାତ୍ରୀଙ୍କ ପାଇଁ ରହିବା ସ୍ଥାନ ନାହିଁ

# ସ୍କୁଲରୁ ଟିସି ନେଇ ଘରେ ବସିଛନ୍ତି ଛାତ୍ରୀ



ସମ୍ବଲପୁର,୬।୧(ଇମିସ): ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ତରଫରୁ ପ୍ରତିବର୍ଷ ବିଭିନ୍ନ ଜିଲ୍ଲାର କ୍ରୀଡ଼ା ପ୍ରତିଭାଙ୍କୁ ଚୟନ କରି ତାଙ୍କୁ କ୍ରୀଡ଼ା ବିଭାଗର କ୍ରୀଡ଼ା ଛାତ୍ରାବାସରେ ରହିବା ପାଇଁ ବ୍ୟବସ୍ଥା କରାଯାଉଛି। କ୍ରୀଡ଼ା ଛାତ୍ରାବାସରେ ସେମାନଙ୍କୁ ଅଧିକ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଏହି ଧାରାରେ ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ୍ ଭୋଇପାଲି ଗ୍ରାମର କୃଷ୍ଣ ତାଣ୍ଡିଙ୍କ ଝିଅ ରୋଜି ତାଣ୍ଡିଙ୍କୁ କଟକ କ୍ରୀଡ଼ା ଛାତ୍ରାବାସରେ ରହି ପାଠ ପଢ଼ିବା ସହିତ ପ୍ରଶିକ୍ଷଣ ନେବା ପାଇଁ ବରଗଡ଼ ଜିଲ୍ଲା କ୍ରୀଡ଼ା ଅଧିକାରୀ ଗତ ମାସ ୨ ତାରିଖରେ ଚିଠି ନମ୍ବର ୧୩୨ରେ ଜଣାଇଥିଲେ। ଏହି ପତ୍ର ପାଇବା ପରେ ରୋଜି ସ୍କୁଲରୁ ଟ୍ରାନ୍ସଫର୍ ସାର୍ଟିଫିକେଟ ନେଇ କଟକ ଯିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିବା ବେଳେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ତରଫରୁ ଗତ ଡିସେମ୍ବର ୧୯ ତାରିଖ ଦିନ ଆସିଥିବା ଏକ ପତ୍ର(ନମ୍ବର-୧୩୫୮୮) ପାଇବା ପରେ ସେ ନିରାଶ ହୋଇ ପଡ଼ିଛନ୍ତି। ସେହି ପତ୍ରରେ ଉଲ୍ଲେଖ କରାଯାଇଛି ଯେ ବର୍ତ୍ତମାନ କଟକ ସ୍ଥିତ କ୍ରୀଡ଼ା ଛାତ୍ରାବାସରେ ବାଳିକା କ୍ରୀଡ଼ାବିତଙ୍କ ରହିବା ପାଇଁ ବ୍ୟବସ୍ଥା ନଥିବାରୁ ବର୍ତ୍ତମାନ ଏହି ନିର୍ଦ୍ଦେଶକୁ ସ୍ଥଗିତ ରଖାଯାଇଛି। ଏହି ଚିଠି ପାଇବା ପରେ ରୋଜିଙ୍କ ଭବିଷ୍ୟତ ଅନ୍ଧକାର ହୋଇ ପଡ଼ିଛି। ସେ ପଢୁଥିବା ସ୍କୁଲରୁ ଟ୍ରାନ୍ସଫର୍ ସାର୍ଟିଫିକେଟ ପାଇ ସାରିବା ପରେ ପୁଣି ଥରେ ସ୍କୁଲରେ ନାମ ଲେଖାଇ ପାରୁ ନାହାନ୍ତି। ଯାହା ଫଳରେ ସେ ସଂପୂର୍ଣ୍ଣ ନିରାଶ ହୋଇ ପଡ଼ିଛନ୍ତି।

ରୋଜି ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକର କସ୍ତୁରବା ଗାନ୍ଧି ଆବାସିକ ବିଦ୍ୟାଳୟ ଛାତ୍ରୀ। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ତରଫରୁ ଅନୁଷ୍ଠିତ ହେଉଥିବା ଖେଳାଳି ଚୟନ ପ୍ରକ୍ରିୟାରେ ସେ ବରଗଡ଼ ଜିଲ୍ଲାରୁ ଭାଗ ନେଇଥିଲେ। ରୋଜି କବାଡ଼ି ଖେଳରେ ଜିଲ୍ଲା ତଥା ରାଜ୍ୟସ୍ତରରେ ଉତ୍ତମ ପ୍ରଦର୍ଶନ କରି ପ୍ରଶଂସିତ ହୋଇଥିଲେ। ଯାହା ଫଳରେ ଅଧିକ ପ୍ରଶିକ୍ଷଣ ପ୍ରଦାନ କରିବା ପାଇଁ ତାଙ୍କୁ କଟକ କ୍ରୀଡ଼ା ଛାତ୍ରାବାସରେ ରହିବା ନିମନ୍ତେ ଚୟନ କରାଯାଇଥିଲା। ଏହି ଖବର ପାଇ ସେ କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟରୁ ଟ୍ରାନ୍ସଫର୍ ସାର୍ଟିଫିକେଟ୍ ପାଇବା ପାଇଁ ଆବେଦନ କରିଥିଲେ। ଗତ ଡିସେମ୍ବର ୬ ତାରିଖରେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବା ରୋଜିଙ୍କୁ କଟକ ଛାତ୍ରାବାସରେ ନାମ ଲେଖାଇବା ପାଇଁ ଟ୍ରାନ୍ସଫର ସାର୍ଟିଫିକେଟ ମିଳିଥିଲା। ହେଲେ ପୁଣି ଥରେ ରାଜ୍ୟ କ୍ରୀଡ଼ା ବିଭାଗ ତରଫରୁ ୧୯ ତାରିଖରେ ଆସିଥିବା ପତ୍ର ପାଇବା ପରେ ବର୍ତ୍ତମାନ ରୋଜି ସଂପୂର୍ଣ୍ଣ ହତାଶ ହୋଇପଡ଼ିଛନ୍ତି। ନିଜର ପ୍ରତିଭା ବଳରେ ସେ ଆଗକୁ ବଢ଼ିବା ପାଇଁ ଆଶା ଦେଖିଥିବା ବେଳେ ସରକାରଙ୍କ ଖାମଖିଆଲି ନୀତି ଯୋଗୁଁ ବର୍ତ୍ତମାନ ତାଙ୍କର ଅଭିଷ୍ୟତ ଅନ୍ଧକାର ହୋଇଯାଇଛି। କଟକ କ୍ରୀଡ଼ା ଛାତ୍ରାବାସରେ ରହିବା ବ୍ୟବସ୍ଥା ନଥିବାରୁ ତାଙ୍କୁ ସେଠାରେ ରଖାଯାଇ ପାରିବ ନାହିଁ ବୋଲି କ୍ରୀଡ଼ା ବିଭାଗ ତରଫରୁ ନିର୍ଦ୍ଦେଶ ଆସିଥିବା ବେଳେ ସେ ତାଙ୍କ ସ୍କୁଲରୁ ଟ୍ରାନ୍ସଫର୍ ସାର୍ଟିଫିକେଟ ଆଣି ଘରେ ବସିଛନ୍ତି। ଫଳରେ ସରକାରଙ୍କ କ୍ରୀଡ଼ା ବିଭାଗର କାର୍ଯ୍ୟକାରିତାକୁ ନେଇ ସାଧାରଣରେ ପ୍ରଶ୍ନ ସୃଷ୍ଟି ହୋଇଛି। ସରକାର ଜାଣିଶୁଣି ଜଣେ ଯୁବ କ୍ରୀଡ଼ା ପ୍ରତିଭାର ଭବିଷ୍ୟତ ନଷ୍ଟ କରୁଛନ୍ତି ବୋଲି ପରିବାର ବର୍ଗ ଅଭିଯୋଗ କରିଛନ୍ତି। ଯୁବ କ୍ରୀଡ଼ାବିତଙ୍କୁ ପ୍ରୋତ୍ସାହନ ସହିତ ପ୍ରଶିକ୍ଷଣ ପ୍ରଦାନ କରିବା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏଭଳି ଭାବେ ଜଣେ ଯୁବ କ୍ରୀଡ଼ା ପ୍ରତିଭାଙ୍କୁ ହଇରାଣ କରିବା ଅତ୍ୟନ୍ତ ଦୁଃଖର ବିଷୟ ବୋଲି କ୍ରୀଡ଼ାପ୍ରେମୀ ମହଲରେ ପ୍ରକାଶ ପାଇଛି।

# ଆନ୍ଧ୍ର ଚାଲାଣ ବେଳେ ୧୧ ନାବାଳିକା ଉଦ୍ଧାର



ଗିରଫ ଦୁଇ ଦଲାଲ



ଖୁଣ୍ଟୁଣୀ,୮।୧(ଇମିସ): ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଘଣ୍ଟିଖାଲ-ନିଧିପୁର ରେଲୱେ ଷ୍ଟେସନରୁ ୧୧ ଜଣ ନାବାଳିକାଙ୍କୁ ପୁଲିସ ଆଜି ଉଦ୍ଧାର କରିଛି। ଏଥିସହ ଦୁଇ ଜଣ ଦଲାଲଙ୍କୁ ମଧ୍ୟ ପୁଲିସ ଅଟକ ରଖିଛି। ଆନ୍ଧ୍ରପ୍ରଦେଶର ପ୍ରକାଶମ୍ ଜିଲ୍ଲା ସିଙ୍ଗରାଇପଡ଼ାରେ ଥିବା ଚିଙ୍ଗୁଡ଼ି କାରଖାନାରେ ଏମାନେ ଦାଦନ ଖଟିବାକୁ ଚାଲାଣ ହେଉଥିଲେ। ଘଣ୍ଟିଖାଲ ଆର୍‌ପିଏଫ୍ ଫାଣ୍ଡି ଅଧିକାରୀ ମାୟାଧର ପଣ୍ଡା ଖବର ପାଇ ନାବାଳିକାମାନଙ୍କୁ ଉଦ୍ଧାର କରିଥିଲେ। ଅଟକ ଦଲାଲ ହେଲେ ଢେଙ୍କାନାଳ ସଦର ଥାନା ଢୋଲପସୀ ଗ୍ରାମର କୁନି ପାତ୍ର ଓରଫ ସରିତା(୩୫) ଓ ଢେଙ୍କାନାଳ ଧୂରପାଟଣାର ସହଦେବ ସାହୁ ଓରଫ ପଞ୍ଚୁ।

ସୂଚନା ମୁତାବକ, ଗିରଫ ମହିଳା ଦଲାଲ କୁନି ପାତ୍ର ଓ ତାର ସହଯୋଗୀ ଦଲାଲ ସହଦେବ ପାତ୍ର ଆଠଗଡ଼ ଥାନା ଅନ୍ତର୍ଗତ ସୋଲଗାଡ଼ିଆ(ଲକ୍ଷ୍ମୀନାରାୟଣପୁର) ଓ ଢେଙ୍କାନାଳ ସଦର ଥାନା ଅଞ୍ଚଳର ୧୧ ଜଣ ନାବାଳିକାଙ୍କୁ ଆନ୍ଧ୍ରରେ କାମ ଦେବାକୁ ନେଉଥିଲେ। ଯୋଜନା ମୁତାବକ ଆଜି ବଡ଼ି ସକାଳୁ ଦଲାଲ କୁନି ଓ ସହଦେବ ଯିବା ପାଇଁ ପ୍ରସ୍ତୁତ ହୋଇଥିଲେ। ଆଠଗଡ଼ ଥାନା ସୋଲଗାଡ଼ିଆ(ଲକ୍ଷ୍ମୀନାରାୟଣପୁର) ଗ୍ରାମର ୬ ଜଣ ଓ ଢେଙ୍କାନାଳ ସଦର ଥାନା ଅଞ୍ଚଳର ୫ ଜଣ ନାବାଳିକାଙ୍କୁ ଗାଡ଼ିରେ ଧରି ଘଣ୍ଟିଖାଲ ଷ୍ଟେସନରେ ପହଞ୍ଚିଥିଲେ। ସେଠାରୁ ଅନୁଗୁଳ-ପୁରୀ ଫାଷ୍ଟ ପାସେଞ୍ଜର ଯୋଗେ ଖୋର୍ଦ୍ଧା ଯିବାକୁ ଷ୍ଟେସନରେ ଅପେକ୍ଷା କରିଥିଲେ। ଡ୍ୟୁଟିରେ ଥିବା ଘଣ୍ଟିଖାଲ ଆର୍‌ପିଏଫ୍ ଫାଣ୍ଡି ଏଏସ୍‌ଆଇ ଶ୍ରୀ ପଣ୍ଡା ଦୁଇ ଦଲାଲଙ୍କ ଗହଣରେ ନାବାଳିକାମାନଙ୍କୁ ଦେଖି ସନ୍ଦେହ କରିଥିଲେ। ସେମାନଙ୍କୁ ଧରି ନେଇ ଫାଣ୍ଡିରେ ଅଟକ ରଖି ଜେରା କରିବା ପରେ ଘଟଣାର ପର୍ଦ୍ଦାଫାସ ହୋଇଥିଲା। ଉଦ୍ଧାର ନାବାଳିକାଙ୍କ ମଧ୍ୟରୁ ପ୍ରଶାନ୍ତି ପ୍ରଧାନ, ଲକ୍ଷ୍ମୀ ଘଡ଼େଇ, ଲଳିତା ଦେହୁରୀ, ରୁନି ବେହେରା, ସରସ୍ୱତୀ ଘଡ଼େଇ, ବାସନ୍ତୀ ପ୍ରଧାନଙ୍କ ଘର ଆଠଗଡ଼ ଥାନା ସୋଲଗାଡ଼ିଆ ଗ୍ରାମର। ଅନ୍ୟ ୫ ଜଣ କବିତା ଦେହୁରୀ, ସୁଜାତା ଦେହୁରୀ, ମାମିନା ଦେହୁରୀ, ମେନକା ଦେହୁରୀ ଓ ରୋସନ ଦେହୁରୀଙ୍କ ଘର ଢେଙ୍କାନାଳ ସଦର ଥାନା ଅଞ୍ଚଳରେ ବୋଲି ଜଣାଯାଇଛି। ଉଦ୍ଧାର ନାବାଳିକାଙ୍କୁ ପୁଲିସ କଟକ ବିଡ଼ାନାସୀସ୍ଥିତ 'ଚାଇଲ୍ଡ ଲାଇନ୍' କର୍ମକର୍ତ୍ତାଙ୍କୁ ହସ୍ତାନ୍ତର କରିଛି। ଗିରଫ ଦୁଇ ଦଲାଲଙ୍କୁ କଟକ ଆର୍‌ପିଏଫ୍ ଥାନା କେସ୍‌ରେ କୋର୍ଟ ଚାଲାଣ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ମାୟାଧର ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ ଯେ ଗିରଫ ମହିଳା ଦଲାଲ କୁନି ପାତ୍ର ପୂର୍ବରୁ ଆନ୍ଧ୍ରର ସିଙ୍ଗରାଇପଡ଼ାରେ ଥିବା କଂପାନିରେ ଶ୍ରମିକ ଭାବେ କିଛି ବର୍ଷ କାମ କରିଥିଲେ। ସେ ଆଠଗଡ଼ ଓ ଢେଙ୍କାନାଳ ସଦର ଅଞ୍ଚଳର ଗରିବ ପରିବାରର ଝିଅମାନଙ୍କୁ ଯୋଗାଡ଼ କରି ଆନ୍ଧ୍ର ପଠାଇ କମିସନ ପାଉଥିବା ପୁଲିସ ଅନୁସନ୍ଧାନରୁ ଜାଣିବାକୁ ପାଇଛି।

# କୁପୋଷଣର ଶିକାର ଶିଶୁ, ଚୁଆରୁ ପିଉଛନ୍ତି ପାଣି





# ପାଞ୍ଚଟି ଶ୍ରେଣୀ, ଦୁଇ ଶିକ୍ଷକ, ଜଣେ ପିଲା

**ସତ ଲୁଚାଇବାକୁ ନକଲି ଆଟେଣ୍ଡାନ୍ସ**





**'ସମ୍ବାଦ' ସ୍ୱତନ୍ତ୍ର**

**ବିପର୍ଯ୍ୟସ୍ତ ଶିକ୍ଷା**

## ରେଳବାଇ ପୁଲିସର ବର୍ବରତା

# ହାଜତରେ ଥାର୍ଡ ଡିଗ୍ରି



### ୮ ଦିନ ପରେ ଉଦ୍ଧାର ପାଇଲେ ୨ ନାବାଳକ

କଟକ,୭।୧(ଇମିସ): ଦିନକୁ ବକ୍ତେ ଖାଦ୍ୟ ଆଉ ଦୁଇ ଥର ମାଡ଼। ଦୁଇ ଗୋଡ଼କୁ ବାନ୍ଧି ପାଦରେ ରୁଲ୍ ବାଡିରେ ଦିଆଯାଉଥିଲା ପାହାର। ଦୁଇ ଜଣ ନାବାଳକଙ୍କ ଉପରେ ଏଭଳି ଅକଥନୀୟ ଅତ୍ୟାଚାର ଚାଲିଥିଲା କଟକ ଆର୍‌ପିଏଫ୍ ଥାନା ହାଜତରେ। ଦିନେ କି' ଦୁଇ ଦିନ ନୁହେଁ, ଆଠ ଦିନ ଧରି ପୁଲିସର ଏଭଳି ଅମାନବୀୟ ଅତ୍ୟାଚାରର ଶିକାର ପାଲଟିଥିଲେ ଦୁଇଜଣ ନାବାଳକ। ଏ ସଂପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଗଣମାଧ୍ୟମ ପ୍ରତିନିଧିମାନେ ଆଜି ଘଟଣାସ୍ଥଳରେ ପହଞ୍ଚିବା ପରେ ସଂପୂର୍ଣ ଘଟଣାର ଫର୍ଦାଫାସ୍ ହୋଇଛି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଦୁଇ ନାବାଳକଙ୍କୁ ଉଦ୍ଧାର କରିବା ସହିତ ସେମାନଙ୍କୁ ସେମାନଙ୍କର ପରିବାର ଲୋକଙ୍କ ଜିମା ଦେଇଛନ୍ତି। କିନ୍ତୁ ଏହି ସମୟରେ ଆର୍‌ପିଏଫ୍ ଥାନା ଅଧିକାରୀଙ୍କର ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରତି ଦୁର୍ବ୍ୟବହାରକୁ ଘଟଣାକୁ ନେଇ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ ଗତ ଡିସେମ୍ବର ୩୧ତାରିଖ ରାତିରେ ଗହମ ଚୋରି ଅଭିଯୋଗରେ ସଂପୃକ୍ତ ଦୁଇ ନାବାଳକଙ୍କୁ ଆର୍‌ପିଏଫ୍ ଥାନା ପୁଲିସ୍ ଧରି ଆଣିଥିଲା। ପୁଲିସ୍ ଧରି ଆଣିଥିବା ଦୁଇ ନାବାଳକ ହେଉଛନ୍ତି ଯୋବ୍ରା ଅଂଚଳର ବିକାଶ(୧୪) ଏବଂ ରେଲଓ୍ୱେ କଲୋନିର ଲୋକନାଥ(୧୨)। ଶିଖରପୁର ପଟେ ଥିବା ୪-୫ ନମ୍ବର ପ୍ଲାଟ୍‌ଫର୍ମ ପାଖ ରେଲଓ୍ୱେ ଗୁଡ୍‌ସେଡ୍‌ରୁ ସେମାନେ କିଛି ଗହମ ଉଠାଇ ନେଇଥିବା ଅଭିଯୋଗରେ ପୁଲିସ୍ ସେମାନଙ୍କୁ ଧରି ଆଣିଥିଲା। କିନ୍ତୁ ଏ ସଂକ୍ରାନ୍ତରେ ଆରପିଏଫ୍ ଥାନାରେ କୌଣସି ଲିଖିତ ଅଥବା ମୌଖିକ ଅଭିଯୋଗ ହୋଇନାହିଁ। ପୁଲିସ ସେମାନଙ୍କୁ ଡିସେମ୍ବର ୩୧ତାରିଖ ରାତିରୁ ଧରି ଆଣି ହାଜତରେ ଠୁଙ୍କି ଦେଇଥିଲେ ବି ୮ ଦିନ ହେଲା କୋର୍ଟ ଚାଲାଣ ନକରି ଏପ୍ରକାର ଅମାନୁଷିକ ନିର୍ଯାତନା ଦେଇ ଚାଲିଥିଲା।

ଦୁଇ ନାବାଳକଙ୍କ ଅଭିଯୋଗ ଅନୁଯାୟୀ ସେମାନଙ୍କୁ ନିର୍ଯାତନା ଦେବା ପାଇଁ ଏକାବେଳକେ ତିନି ଜଣ ପୁଲିସ ହାଜତ ଭିତରେ ପଶୁଥିଲେ। ଦୁଇ ଜଣ ସେମାନଙ୍କ ଦୁଇ ଗୋଡ଼କୁ ରଶିରେ ବାନ୍ଧି ଲାଠି ପୂରାଇ ଉପରମୁହାଁ କରି ଟେକି ରଖୁଥିଲେ, ଅନ୍ୟ ଜଣେ ପୁଲିସ ପାଦକୁ ଲକ୍ଷ୍ୟ କରି ଲାଠିରେ ପିଟୁଥିଲା। ପ୍ରାୟ ପ୍ରତ୍ୟେକ ଦିନ ଏଭଳି

➥ ୯

# ହାଜତରେ ଆଠ ...






ନିର୍ଯାତନା ଦିଆଯାଉଥିଲା । ସେମାନଙ୍କୁ ନେବା ପାଇଁ ଆସିଥିବା ବାପା-ମାଙ୍କୁ ବି ପୁଲିସ ଧମକ ଦେଇ ଫେରାଇ ଦେଇଥିଲା । ସେମାନଙ୍କୁ ହାଜତରେ ପୂରାଇ ଦେବ ବୋଲି ଧମକ ଦେଇ ଥାନାରୁ ତଡ଼ି ଦେଇଥିଲା ।

ଦୁଇ ନାବାଳକଙ୍କୁ ହାଜତରେ ଆଠ ଦିନ ହେଲା ରଖି ଏଭଳି ନିର୍ଯାତନା ଦିଆଯିବା ସଂକ୍ରାନ୍ତରେ ଗଣମାଧ୍ୟମ ପକ୍ଷରୁ କଟକ ଜିଲ୍ଲାପାଳଙ୍କୁ ଖବର ଦିଆଯିବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଘଟଣାସ୍ଥଳରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି ପହଞ୍ଚି ଦୁଇ ନାବାଳକଙ୍କୁ ଉଦ୍ଧାର କରିବା ସହ ସେମାନଙ୍କ ପରିବାର ଲୋକଙ୍କ ଜିମା ଦେଇଥିଲେ । ଆଇନ ସେବା ସଂସ୍ଥା ଲିସାର ସଂଯୋଜକ ଆଇନଜୀବୀ ଗଦାଧର ସାହୁ ଓ ତାଙ୍କର ସହଯୋଗୀ ବି ସେଠାରେ ପହଞ୍ଚି ଦୁଇ ନାବାଳକଙ୍କୁ ଉଦ୍ଧାର କରିବାରେ ସହାୟତା କରିଥିଲେ ।

କିନ୍ତୁ ଗଣମାଧ୍ୟମ ପ୍ରତିନିଧିଙ୍କ ଏଭଳି କାର୍ଯ୍ୟରେ ଉତ୍କ୍ଷିପ୍ତ ହୋଇ ଆର୍‌ପିଏଫ୍ ଥାନା ଆଇଆଇସି ଅଶୋକ କୁମାର ଦାସ ହଠାତ୍ ଉତ୍କ୍ଷିପ୍ତ ହୋଇ ସେମାନଙ୍କୁ ଦୁର୍ବ୍ୟବହାର କରିବା ସହିତ କ୍ୟାମେରା ଛଡାଇଥିଲେ । ଆଇଆଇସି ଦାସଙ୍କ ଏଭଳି ଆଚରଣକୁ ନେଇ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରତିବାଦ କରିବା ସହିତ ଏ ସଂକ୍ରାନ୍ତରେ ଜିଆର୍‌ପି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅନ୍ୟପଟେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରତି ଦୁର୍ବ୍ୟବହାର ଘଟଣାରେ ପ୍ରତିବାଦ କରି ରାଜୀବ ଗାନ୍ଧି ପଞ୍ଚାୟତି ରାଜ ସଂଗଠନ ଓ ଅନ୍ୟ ସ୍ୱେଚ୍ଛାସେବୀ ସଂଗଠନର କର୍ମୀମାନେ ସେଠାରେ ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ବରିଷ୍ଠ ପୁଲିସ୍ ଅଧିକାରୀମାନେ ସେଠାରେ ପହଞ୍ଚି ସେମାନଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରିତ ହୋଇଥିଲା ।

## ଆରପିଏଫ୍ ହାଜତରେ ନାବାଳକଙ୍କୁ ନିର୍ଯାତନା ଅଭିଯୋଗ

# ପୁଲିସର ନାଲିଆଖି: ବୟାନ ବଦଳାଅ

କଟକ,୮।୧(ଇମିସ): କଟକ ଆରପିଏଫ୍ ଥାନା ହାଜତରେ ଦୁଇ ଜଣ ନାବାଳକଙ୍କୁ ନିର୍ଯାତନା ଅଭିଯୋଗର ତଦନ୍ତ ଆରମ୍ଭ ହୋଇଛି। ରେଳବାଇ ସୁରକ୍ଷା ବଳର ଆଇଜିଙ୍କ ନିର୍ଦ୍ଦେଶକ୍ରମେ ଗଠିତ ତିନି ଜଣିଆ କମିଟି ଆଜି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ରେଳ ସୁରକ୍ଷା ବଳର ଆସିଷ୍ଟାଣ୍ଟ କମିସନର ଚୈତନ୍ୟ ମାରାଣ୍ଡିଙ୍କ ଉପରେ ତଦନ୍ତ ଭାର ରହିଥିବା ବେଳେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ପି.କେ ମାନସିଂହ, ସିନିୟର ଇନ୍‌ସପେକ୍ଟର ଆର.କେ ନରେନ୍ଦ୍ର ଓ ଆଲୋକ କୁମାର ଜେନାଙ୍କୁ ନେଇ ଗଠିତ କମିଟି ଆଜି

### ୩ ଜଣିଆ କମିଟିର ତଦନ୍ତ ଆରମ୍ଭ

କଟକ ଆସି ଅଭିଯୋଗର ତଦନ୍ତ କରିଛନ୍ତି। ଦୀର୍ଘ ଚାରି ଘଣ୍ଟାକାଳ କମିଟିର ସଦସ୍ୟମାନେ ଆଇଆଇସି ଓ ଥାନାର ଅନ୍ୟ କର୍ମଚାରୀଙ୍କୁ ସଂପୂର୍ଣ୍ଣ ଘଟଣାକ୍ରମ ସଂପର୍କରେ ପଚରାଉଚରା କରିଥିଲେ। ଆସନ୍ତା ସାତ ଦିନ ମଧ୍ୟରେ କମିଟି ତା'ର ରିପୋର୍ଟ ଦାଖଲ କରିବ ବୋଲି ସଦସ୍ୟ ଆର.କେ ନରେନ୍ଦ୍ର ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଏହି ଘଟଣାକୁ ଭିନ୍ନ ମୋଡ଼ ଦେବାକୁ ପୁଲିସ୍ ଉଦ୍ୟମ କରିଛି। ପୁଲିସ ନିଜକୁ ସ୍ୱଚ୍ଛ ସାବ୍ୟସ୍ତ କରିବା ପାଇଁ ଦୁଇ ନାବାଳକଙ୍କୁ ନାଲିଆଖି ଦେଖାଇ ସେମାନଙ୍କ ବୟାନ ରେକର୍ଡ



କରାଇ ନେଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ନାବାଳକ ଲୋକନାଥ ଗଣମାଧ୍ୟମ ସାମନାରେ ଥାନାର ଦାସ ବାବୁ ଓ ସ୍ୱାଇଁ ବାବୁଙ୍କ ନାଁ ନେଇ କହିଛି ଯେ ଗତକାଲି ଅପରାହ୍ନରେ ସେମାନେ ତାଙ୍କ ପାଖରେ ପହଞ୍ଚି ୧୦୦ ଟଙ୍କା ଦେଇଥିଲେ। ଆଉ ଥାନାରେ ତାକୁ କୌଣସି ପ୍ରକାର ନିର୍ଯାତନା ଦିଆଯାଇନଥିବା ଭିଡିଓ କ୍ୟାମେରା ଆଗରେ କହିବାକୁ ପ୍ରବର୍ତାଇଥିଲେ। ଏଥିସହିତ ମା' ଲଳିତାଙ୍କୁ ମଧ୍ୟ ଡାକି ପରୋକ୍ଷରେ ଧମକଚମକ ଦିଆଯାଉଥିବା ଲୋକନାଥ କହିଛନ୍ତି। ଏମିତି ନକହିଲେ ପୁଣିଥରେ ଥାନାକୁ ଘୋଷାଡ଼ି ନେବାକୁ ପୁଲିସ ପରୋକ୍ଷରେ ଧମକ ଦେଉଛି ବୋଲି ସେ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ ଗତ ଡିସେମ୍ବର ୩୧ତାରିଖ ରାତିରେ ଗହମ ଚୋରି ଅଭିଯୋଗରେ ପୁଲିସ୍ ଯୋବ୍ରା ଫାଣ୍ଡି ଛକ ଅଂଚଳର ଶରତ ପାତ୍ରଙ୍କ ପୁଅ ବିକାଶ ପାତ୍ର(୧୪) ଏବଂ ରେଲଓ୍ୱେ କଲୋନି ହାଡ଼ିସାହିର କୁମର ନାୟକଙ୍କ ପୁଅ ଲୋକନାଥ ନାୟକ(୧୨)ଙ୍କୁ ଧରିଆଣିଥିଲା। ଶିଖରପୁର ପଟେ ଥିବା ୪-୫ ନମ୍ବର ପ୍ଲାଟ୍‌ଫର୍ମ ପାଖ ରେଲଓ୍ୱେ ଗୁଡ୍‌ସେଡ୍‌ରୁ ଗହମ ଉଠାଇ ନେଇଥିବା ଅଭିଯୋଗରେ ପୁଲିସ୍ ସେମାନଙ୍କୁ ଥାନା ହାଜତରେ ୮ ଦିନ କାଳ ରଖିବା ସହ ନିର୍ଯାତନା ଦେଇଆସୁଥିଲା। କିନ୍ତୁ ଏ ସଂକ୍ରାନ୍ତରେ ଆରପିଏଫ୍ ଥାନାରେ କୌଣସି ଲିଖିତ ଅଥବା ମୌଖିକ ଅଭିଯୋଗ ହୋଇନଥିଲା। ପୁଲିସ ସେମାନଙ୍କୁ ଡିସେମ୍ବର ୩୧ତାରିଖ ରାତିରୁ ଧରି ଆଣି ଥିଲେ ମଧ୍ୟ ୮ ଦିନ ହେଲା କୋର୍ଟ ଚାଲାଣ ନକରି ନିର୍ଯାତନା ଦେଇ ଚାଲିଥିଲା। ଗିରଫ ହେବାର ୨୪ଘଣ୍ଟା ଭିତରେ ପୁଲିସ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିବାର ନିୟମ ଥିଲେ ବି ସାମାନ୍ୟ ଗହମ ଗୋଟାଇବା ଅଭିଯୋଗରେ ଦୁଇ ନାବାଳକଙ୍କୁ ଆଠ ଦିନ ଧରି ହାଜତରେ ରଖି ନିର୍ଯାତନା ଦେବାର ଉଦ୍ଦେଶ୍ୟକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଏ ସଂପର୍କରେ ଖବର ସଂଗ୍ରହ କରିବାକୁ ଗତକାଲି ଗଣମାଧ୍ୟମ ପ୍ରତିନିଧିମାନେ ଥାନାକୁ ଯାଇଥିବା ବେଳେ ଥାନା ଅଧିକାରୀ ଅଶୋକ

➡ ୯

# ପୁଲିସର ନାଲିଆଖି...

କୁମାର ଦାଶ ସେମାନଙ୍କୁ ଦୁର୍ବ୍ୟବହାର କରିଥିବା ମଧ୍ୟ ଅଭିଯୋଗ ହୋଇଥିଲା ।

**ମାନବାଧିକାର କମିସନ୍ ଓ ମାନବାଧିକାର ସୁରକ୍ଷା ସେଲ୍‌ରେ ମାମଲା:** ଦୁଇ ନାବାଳକଙ୍କୁ ନିର୍ଯାତନା ଦିଆଯିବା ଘଟଣାକୁ ନେଇ ରାଜ୍ୟ ମାନବିକ ଅଧିକାର ସୁରକ୍ଷା ସେଲ୍(ଏଚ୍ଆର୍‌ପିସି) ଓ ଜାତୀୟ ମାନବାଧିକାର କମିସନ୍(ଏନ୍ଏଚ୍ଆର୍‌ସି) ରେ ପୃଥକ ପୃଥକ ଅଭିଯୋଗ ହୋଇଛି । ନିର୍ଯାତନା ଦେଇଥିବା ଥାନା ଅଧିକାରୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଓ ନିର୍ଯାତିତ ନାବାଳକଙ୍କୁ କ୍ଷତିପୂରଣ ଦେବା ଦାବି କରି ଆଇନ ସେବା ସଂସ୍ଥା 'ଲିସା'ର ସଂପାଦକ ଆଡଭୋକେଟ୍ ଗଦାଧର ସାହୁ ଏଚ୍ଆର୍‌ପିସିର ଅତିରିକ୍ତ ଡିଜିଙ୍କ ନିକଟରେ ଅଭିଯୋଗ ଦାଏର କରିଛନ୍ତି । ସେହିପରି ଘଟଣାର ଉପଯୁକ୍ତ ତଦନ୍ତ, କାର୍ଯ୍ୟାନୁଷ୍ଠାନ ପ୍ରାର୍ଥନା କରି ମାନବାଧିକାର କର୍ମୀ ଶ୍ରୀଅଖଣ୍ଡ ଏନ୍ଏଚ୍ଆର୍‌ସିରେ ଅଭିଯୋଗ କରିଛନ୍ତି । ଏହି ଅଭିଯୋଗ ଭିତ୍ତିରେ ଏନ୍ଏଚ୍ଆରସି ମାମଲା ରୁଜୁ କରିଛନ୍ତି । ମାମଲାରେ ରେଳବାଇ ବୋର୍ଡ ଅଧ୍ୟକ୍ଷ, ଆର୍‌ପିଏଫ୍ ଡିଜି, ଓଡ଼ିଶା ପୁଲିସ ଡିଜି, କଟକ ଜିଲ୍ଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି । ପୁଲିସ୍ ନିର୍ଯାତନା ଅଭିଯୋଗର ତଦନ୍ତ କରୁଥିବା ଏଚ୍ଆର୍‌ପିସିରେ ଆଡଭୋକେଟ୍ ଶ୍ରୀ ସାହୁ ଅଭିଯୋଗ କରିଛନ୍ତି ଯେ, ଦୁଇ ନାବାଳକଙ୍କୁ ୮ ଦିନ ଧରି ଆର୍‌ପିଏଫ୍ ଥାନା ହାଜତରେ ବେଆଇନ ଭାବେ ଅଟକ ରଖାଯାଇ ଅକଥନୀୟ ନିର୍ଯାତନା ଦିଆଯାଇଥିଲା । ଏ ସଂପର୍କରେ ଅଭିଯୋଗ ହେବା ପରେ ଗଣମାଧ୍ୟମ ପ୍ରତିନିଧି, ଲିସା କର୍ମକର୍ତା ଓ ଶିଶୁ ସୁରକ୍ଷା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଦୁଇ ନାବାଳକ ଲୋକନାଥ ନାୟକ(୧୪) ଓ ବିକାଶ ପାତ୍ର(୧୪)ଙ୍କୁ ଉଦ୍ଧାର କରିଥିଲେ ।

### ବ୍ରିଟାନିଆ କମ୍ପାନିରେ ପୁଣି ଶ୍ରମିକ ଅଶାନ୍ତି

# ଠିକା ଶ୍ରମିକଙ୍କ କାର୍ଯ୍ୟ ବନ୍ଦ, ବିକ୍ଷୋଭ



ଖୋର୍ଧା,୩୧(ଇମିସ): ଖୋର୍ଧା ଶିଳ୍ପାଞ୍ଚଳ ସ୍ଥିତ ବ୍ରିଟାନିଆ ବିସ୍କୁଟ୍ କାରଖାନାରେ ପୁଣି ଶ୍ରମିକ ଅଶାନ୍ତି ଦେଖାଦେଇଛି। କାରଖାନା କର୍ତ୍ତୃପକ୍ଷଙ୍କ ଶ୍ରମିକମାରଣ ନୀତି ପ୍ରତିବାଦରେ ଠିକା ଶ୍ରମିକମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଛନ୍ତି। ଫଳରେ କାରଖାନାରେ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ଠିକା ଶ୍ରମିକମାନେ କାରଖାନା ଫାଟକ ଓ ଖୋର୍ଧା ଶ୍ରମ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ସେମାନେ କହିଛନ୍ତି।

ବ୍ରିଟାନିଆ କାରଖାନାର ଶହ ଶହ ଠିକା ଶ୍ରମିକ ଆଜି ସକାଳୁ କାମକୁ ନଯାଇ ଫାଟକ ପାଖରେ ଏକଜୁଟ୍ ହୋଇଥିଲେ। ଶ୍ରମିକମାନେ କାରଖାନା ଭିତରକୁ ନଯାଇ ବାହାରେ ବସି ରହିଥିଲେ। ଶ୍ରମିକମାନଙ୍କ କହିବା ଅନୁସାରେ କାରଖାନାରେ ଠିକା ଶ୍ରମିକଙ୍କୁ ସରକାରୀ ଘୋଷଣା ଅନୁସାରେ ଅଧିକାଂଶ ସୁବିଧା ମିଳୁନାହିଁ। କାରଖାନା କର୍ତ୍ତୃପକ୍ଷ ଠିକା ସଂସ୍ଥା ମାଧ୍ୟମରେ ୬ଶହରୁ ଅଧିକ ଶ୍ରମିକଙ୍କୁ ନିଯୁକ୍ତି ଦେଇଛନ୍ତି। ଦୁଇଟି ଠିକା ସଂସ୍ଥା ମୟୂର ଓ ତ୍ରିନାଥ ଇଂଜିନିଅର୍ ଏହି ଶ୍ରମିକଙ୍କୁ ପରିଚାଳନା କରୁଛନ୍ତି। ଉକ୍ତ ଠିକା ସଂସ୍ଥା ସେମାନଙ୍କ ଅଧୀନରେ ଏକାଧିକ ଠିକା ସଂସ୍ଥା ରହିଥିବା ଦେଖାଇ ଶ୍ରମିକଙ୍କୁ କାମରେ ଲଗାଉଛନ୍ତି। ଫଳରେ ଶ୍ରମିକଙ୍କୁ ପରୋକ୍ଷରେ ଶୋଷଣ କରିବାକୁ ସୁବିଧା ହେଉଛି। ସୁରକ୍ଷା ଅଭାବରୁ କାରଖାନାରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଗତ ୪ ମାସ ପୂର୍ବେ ଠିକା ଶ୍ରମିକମାନେ ଦରମା ବୃଦ୍ଧି ସମେତ ବିଭିନ୍ନ ଦାବିରେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିଲେ। ସେମାନଙ୍କ ଦାବି ପୂରଣ ହେବ ବୋଲି ସେତେବେଳେ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ସେମାନଙ୍କ ଦାବି ପୂରଣ ହେଲା ନାହିଁ। ଫଳରେ ଶ୍ରମିକମାନେ ଆଜି ପୁଣି ଆନ୍ଦୋଳନ କରିଛନ୍ତି। ଶ୍ରମିକମାନେ ଆନ୍ଦୋଳନ କରୁଥିବା ବେଳେ କାରଖାନା ଫାଟକ ନିକଟରେ ଜଣେ ଠିକାଦାରଙ୍କ ସୁପରଭାଇଜର ସୁବାଷ ମହାରଣା ନାମକ ଜଣେ ଠିକା ଶ୍ରମିକଙ୍କୁ ମାଡ ମାରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଶ୍ରମିକମାନେ ଖୋର୍ଧା ଶ୍ରମ ବିଭାଗ କାର୍ଯ୍ୟାଳୟକୁ ଯାଇ ସେମାନଙ୍କ ଦାବି ସମ୍ପର୍କରେ ଉପସ୍ଥାପନ କରିଥିଲେ। ଆସନ୍ତା ସୋମବାର ଦିନ ଏହାର ଆଲୋଚନା ପାଇଁ ଶ୍ରମ ଅଧିକାରୀ ତାରିଖ ଧାର୍ଯ୍ୟ କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ କାରଖାନା ମାନବ ସମ୍ବଳ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବାରେ ସରକାରୀ ନିୟମ ଅନୁସାରେ ଶ୍ରମିକଙ୍କୁ ସେମାନଙ୍କ ପାଉଣା ଓ ସୁବିଧା ସୁଯୋଗ ମିଳୁଥିବା କହିଛନ୍ତି। ଠିକା ସଂସ୍ଥା ମୟୂରର ଅଧିକାରୀ ପିଏଫ୍ ସ୍ଲିପ୍ ଅଧା ଶ୍ରମିକଙ୍କୁ ମିଳିନଥିବା ସ୍ୱୀକାର କରିଥିଲେ। ସେମାନଙ୍କ ଟଙ୍କା ଡିପୋଜିଟ୍ ହୋଇଛି, ଖୁବ୍ ଶିଘ୍ର ସ୍ଲିପ୍ ମିଳିବ ବୋଲି ସେ କହିଛନ୍ତି।

## ନାଲ୍‌କୋକୁ ୩୩ ପୂରି ୩୪ ଚାଲିଲା

# ବିସ୍ଥାପିତଙ୍କ ଭାଗ୍ୟ ବଦଳୁନି

କୋରାପୁଟ,୬।୧(ନବୀନ ଚନ୍ଦ୍ର ସାହୁ)ଃ ଏସିଆର ସର୍ବ ବୃହତ୍ତମ ଆଲୁମିନା ବିଶୋଧନ ପ୍ରକଳ୍ପ (ନାଲ୍‌କୋ) କୁ ଆସନ୍ତାକାଲି ୩୩ ପୂରି ୩୪ ବର୍ଷ ଚାଲିବ। ୧୯୮୧ ମସିହାରେ କୋରାପୁଟ ଜିଲ୍ଲାରେ ନବରତ୍ନ କଂପାନି ନାଲ୍‌କୋ ପ୍ରତିଷ୍ଠା ହେବା ପରେ ଜିଲ୍ଲାବାସୀ ଅନେକ ସ୍ୱପ୍ନ ଦେଖିଥିଲେ। ଆଶା ଥିଲା ନିଯୁକ୍ତି ସୁଯୋଗ ବଢ଼ିବ। ପାରିପାର୍ଶ୍ୱିକ ଇଲାକାର ବିକାଶ ହେବ। ଇତି ମଧ୍ୟରେ ବିତି ଯାଇଛି ୩୩ ବର୍ଷ। ଶେଷ ହୋଇଛି ୩୦ ବର୍ଷ ପାଇଁ ଚୁକ୍ତି ହୋଇଥିବା ପଞ୍ଚପଟ୍ଟମାଳୀ ଖଣି ଲିଜ୍। ବଢ଼ିଛି ବିଶୋଧନ ପ୍ରକଳ୍ପର କ୍ଷମତା। ହେଲେ ବଦଳି ପାରିନି ବିସ୍ଥାପିତଙ୍କ ଭାଗ୍ୟ। ଜମି ହରାଇ ଭିଟାମାଟି ଛାଡି ବିସ୍ଥାପିତ ଏବେ ଦାଦନ ଶ୍ରମିକ। ଜମି ସହାୟତା ରାଶିକୁ ଚାହିଁ କିଛି ଆର ପାରିକୁ ଚାଲି ଗଲେଣି। ବିସ୍ଥାପିତଙ୍କ ନିଯୁକ୍ତି ଅଟକି ଥିବା ବେଳେ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠି ଅର୍ଥ ୩ ବର୍ଷ ହେଲା ଖର୍ଚ୍ଚ ନ ହୋଇ ପଡ଼ିଛି। ପୂର୍ବରୁ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠି ଅର୍ଥରେ ନିର୍ମିତ ପ୍ରକଳ୍ପ ମରାମତି ଅଭାବରୁ ଏବେ ଅଚଳ ଓ ଜରାଜୀର୍ଣ୍ଣ ଅବସ୍ଥାରେ।

- ୩ ବର୍ଷ ହେଲା ଖର୍ଚ୍ଚ ହେଉନି ପାରିପାର୍ଶ୍ୱିକ ବିକାଶ ଅର୍ଥ
- ଅଧାରେ ଅଟକିଛି ଶିଳ୍ପ ତାଲିମ୍ କେନ୍ଦ୍ର
- ୨୦୧୬ ସୁଦ୍ଧା ରିଫାଇନେରୀ କ୍ଷମତାକୁ ୧ ନିୟୁତ ଟନ୍‌ରେ ପହଞ୍ଚିବ




ସୂଚନାଯୋଗ୍ୟ, ୧୯୮୧ ମସିହାରେ ନବରତ୍ନ କଂପାନୀ ନାଲ୍‌କୋ ପ୍ରତିଷ୍ଠା ଆଦିବାସୀ ଅଧ୍ୟୁଷିତ କୋରାପୁଟର ବିକାଶ ନେଇ ଜିଲ୍ଲାବାସୀ ଆଶା ବାନ୍ଧିଥିଲେ। ପ୍ରାରମ୍ଭରେ ନାଲ୍‌କୋ ବାର୍ଷିକ ମାଇନସ୍‌ରୁ ୨୪ ଲକ୍ଷ ମେଟ୍ରିକ୍ ଟନ୍ ବକ୍‌ସାଇଟ୍ ଉତ୍ପାଦନ କରୁଥିବା ବେଳେ ବର୍ତ୍ତମାନ ତାହା ୪୮ ଲକ୍ଷ ମେଟ୍ରିକ୍ ଟନ୍‌ରେ ପହଞ୍ଚିଲାଣି। ସେହିପରି ବାର୍ଷିକ ୮ ଲକ୍ଷ ଟନ୍ ଆଲୁମିନା ଉତ୍ପାଦନ ପାଇଁ କାର୍ଯ୍ୟକ୍ଷମ ହୋଇଥିବା ରିଫାଇନେରି ଏବେ ୧୬ ଲକ୍ଷ ଟନ୍ କ୍ଷମତାରେ ପହଞ୍ଚିଲାଣି। ୨୦୧୬ ସୁଦ୍ଧା ରିଫାଇନେରି କ୍ଷମତାକୁ ୧ ନିୟୁତ ଟନ୍‌ରେ ପହଞ୍ଚାଇବାକୁ କଂପାନି ଆଶା ରଖିଛି। ବର୍ତ୍ତମାନ କଂପାନି ପଞ୍ଚପଟ୍ଟମାଳୀ ଖଣି ଉପରେ ନିର୍ଭର କରୁଥିବା ବେଳେ କଂପାନିକୁ ମିଳିଥିବା ପଟାଙ୍ଗୀ ଖଣିରୁ ବକସାଇଟ୍ ବିନିଯୋଗ କରି ନାଲ୍‌କୋ ଅଧିକ ୧ ନିୟୁତ ଟନ୍ ଆଲୁମିନା ଉତ୍ପାଦନ କରି ପାରିବ। ପଟାଙ୍ଗୀ ଖଣିରେ ୬୫ ନିୟୁତ୍ ଟନ୍ ବକସାଇଟ୍ ଗଚ୍ଛିତ ଥିବାରୁ କଂପାନିର ଚାହିଦାକୁ ପଟାଙ୍ଗୀ ଖଣି ୨୦୩୬ ପର୍ଯ୍ୟନ୍ତ ମେଣ୍ଟାଇ ପାରିବ। ବର୍ତ୍ତମାନ ଆଲୁମିନା ବିଶୋଧନ ପ୍ରକଳ୍ପକୁ ବକସାଇଟ୍ ଯୋଗାଉ ଥିବା ପଞ୍ଚପଟ୍ଟମାଳୀ ବକସାଇଟ୍ ଖଣିର ଉତ୍ପାଦନ କ୍ଷମତା ୬.୩ ନିୟୁତ ଟନ୍ ରହିଛି। ତେବେ ଏହାର କ୍ଷମତା ୬.୮ ନିୟୁତ ଟନକୁ ବୃଦ୍ଧି କରିବା ପାଇଁ କାର୍ଯ୍ୟ ଜାରି ରହିଛି। ୨୦୧୨ ନଭେମ୍ବରରେ ପଞ୍ଚପଟ୍ଟମାଳୀ ଖଣି ଅବଧି ଶେଷ ହେବା ପରେ ବକସାଇଟ୍ ଉତ୍ତୋଳନ ବନ୍ଦ ରହିଥିଲା। ଜନ ଶୁଣାଣିରେ ଲୋକଙ୍କ ବିରୋଧ ଯୋଗୁ ଲିଜ୍ ନବୀକରଣ ନ ହେବାରୁ କଂପାନିକୁ ବର୍ଷକ ପାଇଁ ସାମୟିକ ଲିଜ୍ ଅବଧି ବୃଦ୍ଧି କରା ଯାଇଥିଲା। ପୁଣି ୨୦୧୩ ନଭେମ୍ବରରେ ଆଉ ତିନି ମାସ ପାଇଁ ସାମୟିକ ଲିଜ୍ ଅବଧି ବଢ଼ିଛି। ଏପରି ଭାବରେ ଗତ ୩୩ ବର୍ଷ ଭିତରେ କଂପାନିର ବୃହତ ଅଭିବୃଦ୍ଧି ହୋଇଛି। କିନ୍ତୁ ଜିଲ୍ଲାର ବିକାଶ ଓ ବିସ୍ଥାପିତଙ୍କ ଭାଗ୍ୟ ଯେଉଁ ତିମିରେକୁ ସେହି ତିମିରେ ରହି ଯାଇଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ଉଭୟ କୋରାପୁଟ ଓ ଅନୁଗୁଳ ଜିଲ୍ଲାର ବିକାଶ ପାଇଁ ନାଲ୍‌କୋ ଶିକ୍ଷାକ୍ଷେତ୍ରରେ ୧୦ କୋଟି, ରାସ୍ତା ପାଇଁ ୧୦୩ କୋଟି, ପିଇବା ପାଣି ପାଇଁ ୩୪ କୋଟି ଟଂକା ଖର୍ଚ୍ଚ କରିଛି। ଦାମନଯୋଡ଼ି ପ୍ଲାଣ୍ଟରେ ୫୯୪ ବିସ୍ଥାପିତ ଏବଂ ଅନଗୁଳରେ ଏକ ହଜାର ବିସ୍ଥାପିତଙ୍କୁ ନିଯୁକ୍ତି ଦେଇଛି। କୋରାପୁଟ ଜିଲ୍ଲାର ବିକାଶ ପାଇଁ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ୪୦ କୋଟି ଟଙ୍କା ଦେଇଛି। ଏତେ ଟଂକା ଖର୍ଚ୍ଚ ପରେ ମଧ୍ୟ କଂପାନିର ପାରିପାର୍ଶ୍ୱିକ ଅଂଚଳରେ ଥିବା କେଉଁ ଗାଁକୁ ଆଜି ପର୍ଯ୍ୟନ୍ତ ରାସ୍ତା ନାହିଁ ତ, କେଉଁ ଗାଁରେ ମୌଳିକ ସୁବିଧା ସୁଯୋଗ ସାତ ସପନ ପାଲଟିଛି। ପ୍ରଶାସନିକ ଅବହେଳାକୁ ନେଇ ଗତ ୩ ବର୍ଷ ହେଲା ପାରିପାର୍ଶ୍ୱିକ ଉନ୍ନୟନ ଅର୍ଥ ଖର୍ଚ୍ଚ ହୋଇପାରୁ ନଥିବା ସମସ୍ୟାକୁ ଦ୍ୱିଗୁଣିତ କରିଛି। ପାରିପାର୍ଶ୍ୱିକ ଅଞ୍ଚଳ ଭିତରେ ଥିବା ୧୯ଟି ଗ୍ରାମରେ ଉନ୍ନୟନ ହୋଇନଥିବା ଅଭିଯୋଗରେ ଗ୍ରାମବାସୀ ପଞ୍ଚପଟ୍ଟମାଳୀ ଖଣି ଲିଜ୍ ନବୀକରଣକୁ ଜନ ଶୁଣାଣିକୁ ବିରୋଧ କରିଥିଲେ। ଏପଟେ ୪୨୮ ଜମିହରାଙ୍କୁ ନିଯୁକ୍ତି ଦାବିରେ ବିସ୍ଥାପିତ ସଂଘର ଆନ୍ଦୋଳନ ଜାରି ରହିଛି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶୁଭ ଦିଆଯାଇଥିବା ଶିଳ୍ପ ତାଲିମ କେନ୍ଦ୍ରର ନିର୍ମାଣ ଅଧାପନ୍ତରିଆ ଅବସ୍ଥାରେ ପଡ଼ିଛି। ବକସାଇଟ୍ ଉତ୍ତୋଳନରେ ନାଲ୍‌କୋ ପାଇଁ ଆଗାମୀ ଦିନରେ କୋରାପୁଟ ଜିଲ୍ଲା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବାକୁ ଥିବା ବେଳେ ପାରିପାର୍ଶ୍ୱିକ ଉନ୍ନୟନ ଓ ବିସ୍ଥାପିତଙ୍କ ବିକାଶ ଦିଗରେ କଂପାନି ଦୃଷ୍ଟି ନ ଦେଲେ ଖଣି ଲିଜ୍ ନବୀକରଣରେ ଜଟିଳ ସମସ୍ୟାର ସମାଧାନ ହେବାକୁ ପଡ଼ିପାରେ।

# ଝାରସୁଗୁଡ଼ାର ଦୁଇଟି ପ୍ଲାଣ୍ଟରେ ଦୁର୍ଘଟଣା

- ଏସ୍‌ଏମ୍‌ସିରେ ହାଇଡ୍ରା ଓଲଟି ଫିଟରଙ୍କ ମୁଣ୍ଡ ଫାଟିଲା
- ସେସା ରନିଂ କନ୍‌ଭେୟରରେ ଫସି ଅପରେଟରଙ୍କ ହାତ ନଷ୍ଟ



ଝାରସୁଗୁଡ଼ା, ୨।୧(ଇମିସ)ଃ ଝାରସୁଗୁଡ଼ା ବ୍ଲକ ଅନ୍ତର୍ଗତ [illegible] ଥିବା ଏସ୍.ଏମ୍.ସି [illegible] କାରଖାନାରେ ଦୁର୍ଘଟଣା ଘଟି ଜଣେ କର୍ମଚାରୀ ଆହତ ହୋଇଛନ୍ତି। ତାଙ୍କ ନାଁ ଜନାର୍ଦ୍ଦନ [illegible] (୩୮ ବର୍ଷ)। ଘର ବଲାଙ୍ଗୀର ଜିଲ୍ଲା ଲୋଇସିଂହା ଥାନା ଅନ୍ତର୍ଗତ [illegible]। ଗୁରୁବାର ସକାଳେ ଜନାର୍ଦ୍ଦନ ଏସ୍.ଏମ୍.ସି-୧ରେ ଫିଟର କାମ କରୁଥିବା ସମୟରେ ହାଇଡ୍ରା [illegible] କ୍ରେନ ଫିଟର ଚଢ଼ାଉଥିଲା। ହେଲେ କୌଣସି କାରଣ ବଶତଃ ହାଇଡ୍ରା ଓଲଟି ପଡ଼ିବାରୁ ଏହାର ମୋଟା ଲୁହା [illegible] ଜନାର୍ଦ୍ଦନଙ୍କ ମୁଣ୍ଡରେ ବାଜିବାରୁ [illegible]। ଫଳରେ ଜନାର୍ଦ୍ଦନଙ୍କ ମୁଣ୍ଡରେ ପ୍ରବଳ ଆଘାତ ଲାଗିଥିଲା। ଦୁର୍ଘଟଣାରେ ତାଙ୍କ ପିଠିରେ ମଧ୍ୟ ଆଘାତ ଲାଗିଥିବା ଜଣାପଡ଼ିଛି। ଏହାକୁ ନେଇ କାରଖାନା ପରିସରରେ କିଛି ସମୟ ପାଇଁ ଚାପା ଉତ୍ତେଜନା ଦେଖାଦେଇଥିଲା। କାରଖାନାରେ କର୍ମଚାରୀ ଏବଂ ଶ୍ରମିକଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ନ ଦିଆଯାଉଥିବାରୁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଛି ବୋଲି କାରଖାନାର କର୍ମଚାରୀମାନେ ଅଭିଯୋଗ କରୁଛନ୍ତି।

କିନ୍ତୁ ଏ ସମ୍ପର୍କରେ କମ୍ପାନି କର୍ତ୍ତୃପକ୍ଷଙ୍କୁ ପଚାରିବାରୁ, ସେ ଏ ସମ୍ପର୍କରେ କିଛି ଜାଣି ନ ଥିବା କହିଥିଲେ। ଅପରପକ୍ଷରେ ବର୍ତ୍ତମାନ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଟ୍ଟନାୟକ ଏବଂ ଝାରସୁଗୁଡ଼ା ବିଡିଓ [illegible] ଘଟଣାସ୍ଥଳକୁ ଯାଇ ଉଭୟ କର୍ମଚାରୀ ଏବଂ କମ୍ପାନି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଆହତ ଜନାର୍ଦ୍ଦନଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ କମ୍ପାନି ବହନ କରିବ ବୋଲି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବା ସହ [illegible] କହିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ସେହିପରି ସେସା ଷ୍ଟେରଲାଇଟ ଲିମିଟେଡ (ବେଦାନ୍ତ) [illegible] ସମୟରେ [illegible] ରନିଂ କନ୍‌ଭେୟରରେ ଜଣେ ଅପରେଟରଙ୍କ ବାମ ହାତ ଫସି ଯିବାରୁ ହାତଟି ନଷ୍ଟ ହୋଇଯାଇଛି। ଆହତ ଅପରେଟରଙ୍କ ନାଁ [illegible] କିଶାନ (୨୯ ବର୍ଷ)। [illegible] ଠିକା ସଂସ୍ଥା [illegible] ଅଧୀନରେ କାର୍ଯ୍ୟ କରୁଥିଲେ। ଦୁର୍ଘଟଣା ଘଟିବା ପରେ ତୁରନ୍ତ [illegible] ମେଡିକାଲକୁ ନିଆଯାଇଥିଲା। ହେଲେ, ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ସେଠାରୁ ଭୁବନେଶ୍ୱର ଆପୋଲୋ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଆହତ [illegible] କ୍ଷତିପୂରଣ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଦେବା ପାଇଁ ପ୍ଲାଣ୍ଟର କର୍ମଚାରୀମାନେ କମ୍ପାନି କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି।

# ପୋସ୍କୋକୁ ସବୁଜ ସଂକେତ

## ଖଣି ପାଇଁ ବି ସୁପାରିସ୍

ଭୁବନେଶ୍ୱର, ୧୦।୧ (ଇମିସ): ପୋସ୍କୋ ଇସ୍ପାତ ପ୍ରକଳ୍ପ ଆଶା ବଢ଼ିଲା। କେନ୍ଦ୍ର ସରକାର ପରିବେଶ ମଞ୍ଜୁରି ଦେଇଦେଲେ। ଖଣ୍ଡାଧାର ଲୁହାପଥର ଖଣି ବି ମିଳିଯିବ ଖୁବ୍‌ଶୀଘ୍ର। ଏଥିପାଇଁ ଓଡ଼ିଶା ସରକାର ପୁଣି ଥରେ କେନ୍ଦ୍ରକୁ ସୁପାରିସ କରିଛନ୍ତି। କେନ୍ଦ୍ର ବି ଇସାରା କରି ସାରିଛନ୍ତି, ସୁପାରିସ ଆସିଲେ ପୋସ୍କୋକୁ ଖଣ୍ଡାଧାର ଲିଜ୍ ମଞ୍ଜୁର୍ କରାଯିବ।




## ସାମାଜିକ କାମ ପାଇଁ ୩୬୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ସର୍ତ୍ତ

ଦୀର୍ଘ ୮ ବର୍ଷ କାଳ ଏ ଦ୍ୱାର ସେ ଦ୍ୱାର, ହାଇକୋର୍ଟ, ସୁପ୍ରିମକୋର୍ଟ ତଦନ୍ତ, ଜମି ଅଧିଗ୍ରହଣ ତାତିରେ ଶିଝି କମ୍ପାନି ଝାଉଁଆ ହୋଇ ଯାଇଥିଲା। ଏବେ ଏ ଖବର୍‌ରୁ ଖବର ପାଇ ଉତ୍‌ଫୁଲ୍ଲିତ ହୋଇ ଯାଇଛି। ପୋସ୍କୋ ମୁଖପାତ୍ର ଆଭଗି ଲି ରଏଟର୍ ଖବର ସରବରାହ ସଂସ୍ଥାକୁ କହିଛନ୍ତି, ଆମେ ଖୁସି। ପରିବେଶ ମଞ୍ଜୁରି ମିଳିବା ପରେ ପ୍ରକଳ୍ପର ଏକ ବଡ଼ ବାଧା ହଟିଛି।

ଆସନ୍ତା ସପ୍ତାହରେ ଜାନୁଆରୀ ୧୫ ତାରିଖ ଦିନ ଦକ୍ଷିଣ କୋରିଆ ରାଷ୍ଟ୍ରପତି ପାର୍କ ଲିଉନ୍ ହାଏ ୪ ଦିନିଆ ଭାରତ ଗସ୍ତରେ ଆସୁଛନ୍ତି। ଏଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ତତ୍ପର ହୋଇ ପଡ଼ିଛନ୍ତି। ➡ ୯

## ବେଦାନ୍ତକୁ ମିଳିଲାନି ପରିବେଶ ମଞ୍ଜୁରି

ନୂଆଦିଲ୍ଲୀ, ୧୦/୧ଃ ନିୟମଗିରିରେ ବକ୍ସାଇଟ୍ ଖଣି ଖନନ କରିବାକୁ ଚାହୁଁଥିବା ବେଦାନ୍ତ ଆଲୁମିନିୟମ ଲିମିଟେଡ୍‌କୁ ଶକ୍ତ ଝଟ୍‌କା ଲାଗିଛି। ନିୟମଗିରିରେ ବେଦାନ୍ତର ଖଣି ପ୍ରସ୍ତାବକୁ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ଆଜି ଖାରଜ କରିଦେଇଥିବା ସରକାରୀ ସୂତ୍ରରୁ ପ୍ରକାଶ।

ସୂଚନାଯୋଗ୍ୟ, ରାୟଗଡ଼ା ଓ କଳାହାଣ୍ଡିରେ ଗ୍ରାମସଭାର ଅନୁମୋଦନ ନମିଳିବା ପର୍ଯ୍ୟନ୍ତ ପରିବେଶ ମଞ୍ଜୁରି ମିଳିପାରିବ ନାହିଁ ବୋଲି ସୁପ୍ରିମ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତିନିମାସ ମଧ୍ୟରେ ଏହାଉପରେ ନିଷ୍ପତ୍ତି ନେବାଲାଗି ଗ୍ରାମସଭାକୁ କୁହାଯାଇଥିଲା। ତେବେ ୧୨ଟି ଗ୍ରାମସଭା ବେଦାନ୍ତକୁ ନିୟମଗିରି ଖଣି ପ୍ରଦାନ କରାଯିବାକୁ ବିରୋଧ କରିଥିଲେ। ଏହାକୁ ଭିତ୍ତି କରି କେନ୍ଦ୍ର ପରିବେଶ ବିଭାଗ ବେଦାନ୍ତର ଆବେଦନକୁ ଖାରଜ କରିଦେଇଥିବା ଜଣାପଡ଼ିଛି।

# ପୋସ୍କୋକୁ ସବୁଜ ...

ପରିବେଶ ମଞ୍ଜୁରି ସଂପର୍କରେ ନୂଆ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବୀରପ୍ପା ମୋଇଲି ଆଜି ଦିଲ୍ଲୀରେ ସୂଚନା ଦେଇଛନ୍ତି । ଏ ମଞ୍ଜୁରି ସହ ସର୍ତ୍ତ ଯୋଡ଼ା ଯାଇଛି- ସାମାଜିକ ଦାୟିତ୍ୱବୋଧ ପାଇଁ କମ୍ପାନି ମୋଟ ପ୍ରକଳ୍ପ ବ୍ୟୟବରାଦର ୫ ପ୍ରତିଶତ, ଅର୍ଥାତ୍ ୬୦୦ ନିୟୁତ ଡଲାର୍ ( ପାଖାପାଖି ୩୬୦୦ କୋଟି ଟଙ୍କା) ଖର୍ଚ୍ଚ କରିବ । ତେବେ କେବଳ ଇସ୍ପାତ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟକୁ ମିଳିଛି ମଞ୍ଜୁରି । ବନ୍ଦର ପ୍ରକଳ୍ପକୁ ନୁହେଁ ।

ଦେଶର ସର୍ବ ବୃହତ ବିଦେଶୀ ପୁଞ୍ଜି ନିବେଶ ପ୍ରସ୍ତାବ ପୋସ୍କୋ ପ୍ରକଳ୍ପକୁ ଦ୍ୱିତୀୟ ଥର ପାଇଁ ମିଳିଲା ପରିବେଶ ମଞ୍ଜୁରି । ୫୨ ହଜାର କୋଟି ଟଙ୍କାରେ ପ୍ରତିଷ୍ଠା ହେବାକୁ ଥିବା ଏହି ପ୍ରକଳ୍ପକୁ ପ୍ରାଥମିକ ମଞ୍ଜୁରି ୨୦୦୭ ମସିହାରେ ମିଳି ସାରିଥିଲା । ୨୦୧୧ରେ ଚୂଡ଼ାନ୍ତ ମଞ୍ଜୁରି ମିଳିଥିଲା । କିନ୍ତୁ ୨୦୧୨ ମାର୍ଚ୍ଚ ମାସରେ ଜାତୀୟ
ସବୁଜ ଟ୍ରିବ୍ୟୁନାଲ ଏହାକୁ ନିଲମ୍ବିତ କରିବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରିବେଶ ଉପରେ ପ୍ରକଳ୍ପର କୁପ୍ରଭାବକୁ ବିଚାରକୁ ନେଇ ପରିବେଶ ମଞ୍ଜୁରି ସଂପର୍କରେ ପୁନର୍ବିଚାର କରିବାକୁ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଥିଲେ ।

ଏ ରାୟ ପରେ ପ୍ରକଳ୍ପ ଭାଗ୍ୟ ଅନ୍ଧକାର ଭିତରକୁ ଠେଲି ହୋଇ ଯାଇଥିଲା । ପୋସ୍କୋ ପ୍ରକଳ୍ପର ପରିବେଶ ପ୍ରଭାବ ସଂପର୍କରେ ସାନି ଅନୁଧ୍ୟାନ କରିବାକୁ କେନ୍ଦ୍ର ସରକାର ୪ ଜଣିଆ ବିଶେଷଜ୍ଞ ଦଳକୁ ଓଡ଼ିଶା ପଠାଇଥିଲେ । କେ ରେ ପଲ୍ଙ୍କ ନେତୃତ୍ୱରେ ଗଠିତ ଏହି ଦଳ ଅନୁଧ୍ୟାନ କରି ରିପୋର୍ଟ ଦେବା ପରେ ଗତବର୍ଷ ମେ ୧୬ ତାରିଖରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଅନ୍ତର୍ଗତ ଏକ୍ସପର୍ଟ ଆପ୍ରାଇଜାଲ କମିଟି ପରିବେଶ ମନ୍ତ୍ରଣାଳୟକୁ ପୋସ୍କୋ ସମ୍ପର୍କରେ ସୁପାରିସ୍ କରିଥିଲା । ଏହି ସୁପାରିସରେ ପୋସ୍କୋକୁ  ସର୍ତ୍ତଭିତ୍ତିକ ପରିବେଶ ମଞ୍ଜୁରି ପ୍ରଦାନ କରାଯାଉ ବୋଲି ଦର୍ଶାଯାଇଥିଲା ।

ଅନ୍ୟପଟେ ଖଣ୍ଡାଧାର ଖଣି ଲିଜ୍ ସମ୍ପର୍କରେ ସୁପ୍ରିମକୋର୍ଟଙ୍କ ସକରାତ୍ମକ ରାୟ ପରେ କେନ୍ଦ୍ର ସରକାର ଓଡ଼ିଶା ସରକାରଙ୍କ ମତ ଲୋଡ଼ିଥିଲେ ପୁଣି ଥରେ । ଖଣିର ପ୍ରସ୍ପେକ୍ଟିଂ ଲିଜ୍ ଦେବାକୁ ଓଡ଼ିଶା ସରକାର ଥରେ ସୁପାରିସ କରି ସାରିଥିଲେ । ହେଲେ ଏହାକୁ ଓଡ଼ିଶା ହାଇକୋର୍ଟ ୨୦୧୦ ମସିହାରେ ଖାରଜ୍ କରି ଦେଇଥିଲେ । ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ରାୟକୁ ଅଗ୍ରାହ୍ୟ କରି ପୋସ୍କୋ ସପକ୍ଷରେ ରାୟ ଦେଇଥିଲେ ଗତବର୍ଷ । ପୋସ୍କୋକୁ ଖଣି ଦିଆଯାଉ ବୋଲି ଓଡ଼ିଶା ସରକାର ପୁଣି ଥରେ କେନ୍ଦ୍ରକୁ ଚିଠି ଲେଖି ସାରିଥିବା ଜଣାପଡ଼ିଛି ।

ଜଗତସିଂହପୁରରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପ ଲାଗି  ୨୭୦୦ ଏକର ଜମି ଅଧିଗ୍ରହଣ ହୋଇ ସାରିଛି ଏବଂ କମ୍ପାନିକୁ ହସ୍ତାନ୍ତର ହୋଇ ସାରିଛି । ୨୦୧୮ ମସିହା ସୁଦ୍ଧା ପୋସ୍କୋର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ଷମ ହେବ ବୋଲି ଲକ୍ଷ୍ୟ ରଖାଯାଇଛି ।

# ପାରସାଲିରେ ଡଙ୍ଗରିଆ କନ୍ଧଙ୍କ ମେଳି

କଲ୍ୟାଣସିଂହପୁର,୧୨/୧(ଇମିସ): ନିୟମଗିରିର ସୁରକ୍ଷା ପାଇଁ ଆନ୍ଦୋଳନ ଆରମ୍ଭ କରିଥିବା ଡଙ୍ଗରିଆକନ୍ଧ ଏବେ ନିଜ ଅଞ୍ଚଳର ସମସ୍ୟା ପାଇଁ ସ୍ୱର ଉଠାଇବା ଆରମ୍ଭ କଲେଣି। ଏଥିପାଇଁ ଡଙ୍ଗରିଆ ମେଳି କରିବା ସହ ନିଜ ଦାବି ହାସଲ ପାଇଁ କ'ଣ ସବୁ କାର୍ଯ୍ୟପନ୍ଥା ଗ୍ରହଣ କରିବେ ସେଥିପାଇଁ ଆଲୋଚନା ମଧ୍ୟ କରିଛନ୍ତି। ବ୍ଲକର ପାରସାଲି ପଞ୍ଚାୟତରେ ଆଜି ଅନୁଷ୍ଠିତ ଡଙ୍ଗରିଆ ମେଳିରେ ବିଶେଷ କରି ଡଙ୍ଗରିଆ ବସବାସ କରୁଥିବା ଅଞ୍ଚଳରେ କାର୍ଯ୍ୟକାରୀ ସରକାରୀ ଯୋଜନାରେ ଦୁର୍ନୀତି ହେଉଥିବା ନେଇ ଅଭିଯୋଗ କରିବା ସଂଗକୁ ତୁରନ୍ତ ବେଦାନ୍ତ ଆଲୁମିନାର ଚିମିନି ହଟାଇବାକୁ ଦାବି କରାଯାଇଥିଲା।



ନୟମଗିରି ସୁରକ୍ଷା ସମିତିର ଆବାହକ ଲଦ ଶିକକାଙ୍କ ନେତୃତ୍ୱରେ ହୋଇଥିବା ମେଳିରେ ପାରସାଲି, ସୁନାଖଣ୍ଡି ଏବଂ ମୁନିଖୋଲ ପଞ୍ଚାୟତର ୩ଶହରୁ ଊର୍ଦ୍ଧ୍ୱ ଡଙ୍ଗରିଆ ଯୋଗ ଦେଇଥିଲେ। ଆଲୋଚନା ପ୍ରାରମ୍ଭରେ ଶୁତ୍ରୁ ଶିକକା ବେଦାନ୍ତ ଏବଂ ପୁଲିସ ସପକ୍ଷରେ ଯେଉଁ ଡଙ୍ଗରିଆ ରହିବ ତାକୁ ଗାଁରୁ ତଡି ଦିଆଯିବ ବୋଲି କହିଥିଲେ। ଏହାପରେ ପ୍ରମୋଦ ଶିକକା ଗଣ୍ଡଗୋଳ ହେଲେ ଥାନାକୁ ନଯାଇ ପଞ୍ଚାୟତରେ ହିଁ ଆଲୋଚନା କରି ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ତେବେ ଟୁସୁ ଶିକକା କରିଥିବା ଅଭିଯୋଗ ଗୁରୁତର ଥିଲା। ସେ କହିବା ଅନୁଯାୟୀ, ଡଙ୍ଗରିଆ ବସବାସ କରୁଥିବା ଅଞ୍ଚଳରେ ସ୍ଥାନୀୟ ଲୋକଙ୍କୁ କାମ ଦିଆଯାଉ ନାହିଁ। ଅନ୍ୟ ଅଞ୍ଚଳରୁ ଲୋକଙ୍କୁ ଆଣି କାମରେ ନିୟୋଜିତ କରାଯାଉଛି। ଯଦି ଏନେଇ କୌଣସି ଡଙ୍ଗରିଆ ପ୍ରଶ୍ନ କରୁଛି ତେବେ କାମ ନେଇଥିବା ଠିକାଦାର ବିଭିନ୍ନ ପ୍ରକାର ଧମକ ଦିଆଯାଉଛି।

# କନସିଂହାରେ ଆଦିବାସୀ ଅଧିକାର ସମାବେଶ



ଘେଁସ/ପଦ୍ମପୁର, ୧୨।୧୨(ଇମିସ): ପଦ୍ମପୁର ବ୍ଲକ କନସିଂହାରେ ବରଗଡ଼ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ଆହ୍ୱାନରେ ଆଦିବାସୀ ଅଧିକାର ନେଇ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରେମରାଜ ସିଂ ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ଜିଲ୍ଲା ସଭାପତି ଗୋବର୍ଦ୍ଧନ ଭୋଇ ମୁଖ୍ୟଅତିଥି, ମୁଖ୍ୟ ଉପଦେଷ୍ଟା ପ୍ରମୋଦ ଝାଙ୍କର, 'ସମ୍ବାଦ-ଆମ ଓଡ଼ିଶା' ସଂଯୋଜକ ରଂଜନ ଦେବତା, ଗୋବିନ୍ଦ ବରିହା, ଦୁର୍ଯ୍ୟନ ସିଂ ବରିହା, ହେମସାଗର ଭୋଇ, ପାଣ୍ଡବ ବରିହା, ରୋହିଣୀ ବରିହା, ନୀଳାବତୀ ବରିହା, ଯୋଗିନ୍ଦ୍ର ବରିହା, ଚେରୁ ବରିହା, ରୂପଧର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଯୋଗ ଦେଇ ବର୍ତ୍ତମାନ ଶାସନ ବ୍ୟବସ୍ଥାରେ ପରିବର୍ତ୍ତନର ଆହ୍ୱାନ ଦେଇଥିଲେ। ଆଦିବାସୀମାନେ ଏବେ ବି ଆର୍ଥିକ, ସାମାଜିକ, ଶିକ୍ଷା କ୍ଷେତ୍ରରେ ଅବହେଳିତ। ଦଳିତ ଆଦିବାସୀଙ୍କ ପ୍ରତି ଅନ୍ୟାୟ, ଅତ୍ୟାଚାର ଓ ଶୋଷଣ ବଢ଼ିଚାଲିଛି। ଆଦିବାସୀଙ୍କ ପାଇଁ ପ୍ରଣିତ ଆଇନ ପ୍ରହସନ ହୋଇଛି। ଆଦିବାସୀ ସଂସ୍କୃତି ଓ ପରଂପରାକୁ ବିଶ୍ୱବାସୀ ଆପଣେଇଛନ୍ତି। ମାତ୍ର ଆଦିବାସୀଙ୍କ ଅସଲ ପରିଚୟ ହଜିଯାଇଛି ବୋଲି ସମାବେଶରେ ମତ ପ୍ରକାଶ ପାଇଥିଲା। ନିଜ ନ୍ୟାଯ୍ୟ ଦାବି ଓ ଅଧିକାର ପାଇଁ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଏହି ସଂଗ୍ରାମ ବଜାୟ ରଖିବା ସହ ଏହି ଆନ୍ଦୋଳନରେ ଆଦିବାସୀଙ୍କୁ ସାଂଗଠନିକ ସ୍ତରରେ ଏକ ହେବାକୁ ଆହ୍ୱାନ ଦେଇଥିଲେ। ପ୍ରଥମେ ଝଂକର ଆନନ୍ଦ ପୋଢ଼ ମା' ବିନ୍ଧ୍ୟବାସିନୀଙ୍କୁ ଧୂପ, ଦୀପ ଦେଇ ପୂଜାର୍ଚ୍ଚନା କରିଥିଲେ। ପରେ ଦୁଲଦୁଲି ବାଜାର ତାଳେ ତାଳେ ଏକ ବିରାଟ ଶୋଭାଯାତ୍ରାରେ ଧନୁ, ତୀର ଧରି ବିଭିନ୍ନ ସ୍ଲୋଗାନ ଦେଇ କନସିଂହା ପରିକ୍ରମା କରିଥିଲେ। ଉମାକାନ୍ତ ପୋଢ଼ ମଂଚ ପରିଚାଳନା, ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିବା ବେଳେ ପାଣ୍ଡବ ବରିହା ଧନ୍ୟବାଦ ଦେଇଥିଲେ।

# ମଜୁରି ବଦଳରେ ମଦ

କୋରାପୁଟ,୬।୧(ଇମିସ): ମଜୁରି ବଦଳରେ ମିଳୁଛି ମଦ। ପିଲାଠୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ମଦ ନିଶାରେ ଚୁର୍। କିଏ ରାସ୍ତାରେ ଗଡୁଛି ତ, କିଏ ଦିନ ଦିନ ଧରି ଘରକୁ ଫେରୁନି। କଂସା, ତାଟିଆ, ସୁନା, ରୁପା ସାଙ୍ଗକୁ ରାସନ କାର୍ଡ ବନ୍ଧା ପଡ଼ିଛି ମଦ ଦୋକାନରେ। ଦେଶୀ ମଦର ଅବାଧ ବିକ୍ରିକୁ ନେଇ ଏପରି ସ୍ଥିତି ଉପୁଜିଛି କୋରାପୁଟ ଜିଲ୍ଲା କୋଟପାଡ ଥାନାର ଶଶାହାଣ୍ଡି ପଞ୍ଚାୟତରେ। ୧୦ ରୁ ଉର୍ଦ୍ଧ୍ୱ ଗ୍ରାମରେ ଦେଶୀ ଓ ବିଦେଶୀ ମଦ ବିକ୍ରି ଓ ପ୍ରସ୍ତୁତି କୁଟୀର ଶିଳ୍ପରେ ପରିଣତ ହୋଇଥିବାରୁ ବର୍ଷକ ମଧ୍ୟରେ ୫ରୁ ୬ ଜଣଙ୍କ ଜୀବନ ଅକାଳରେ ଚାଲି ଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରତିବାଦରେ ଶତାଧିକ ମହିଳା କୋରାପୁଟ ଏସ୍‌ପିଙ୍କ ବାସ ଭବନ ଘେରାଉ କରିଛନ୍ତି। ମଦ ବିକ୍ରି ବନ୍ଦ ପାଇଁ ଜିଲ୍ଲାପାଳଙ୍କ ସମେତ ପୁଲିସ୍ ଆଇଜି, ଏସ୍‌ପି, ଅବକାରୀ ସୁପରିଟେଣ୍ଡେଣ୍ଟଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲାପାଳ ଓ ଏସ୍‌ପି ଦୃଢ଼ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ରାଜରାସ୍ତା ଅବରୋଧ ସହିତ କୋରାପୁଟ ଜିଲ୍ଲାକୁ ଠପ୍ କରିଦେବୁ ବୋଲି ମହିଳା ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ଶଶାହାଣ୍ଡି ପଞ୍ଚାୟତରେ ଗୋଟିଏ ଦେଶୀ ମଦ ଭାଟି ପାଇଁ ସରକାରୀ ଅନୁମୋଦନ ମିଳିଛି। କିନ୍ତୁ ମଦ ମାଫିଆଙ୍କ ପ୍ରାଦୁର୍ଭାବ ଯୋଗୁ ଶଶାହାଣ୍ଡି, ଗାଦିଗାଁ, କୁଲାଦିଗୁଡା, ରାମେଲଗୁଡା, ଆମ୍ବଦୋଳିଗୁଡା, ଗଦିଆଗୁଡା, ଭାଲୁଗୁଡା, ନୂଆଗାଁ, କଦମଗୁଡା, ପୂଜାରୀଗୁଡା ସମେତ ୧୧ରୁ ଉର୍ଦ୍ଧ୍ୱ ଗ୍ରାମରେ ବେଆଇନ ଦେଶୀ ମଦ ରନ୍ଧା ଓ ବିକ୍ରି ଚାଲିଛି। ପୁଲିସ୍ ସଲାସୁତୁରାରେ ମଦ ବିକ୍ରି ଚାଲିଥିବାରୁ ଗ୍ରାମବାସୀ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁନି।

ପୁରୁଷ, ମହିଳା କାମଧନ୍ଦା ଛାଡ଼ି ଦିନରାତି ମଦ୍ୟ ପାନ କରି ରାସ୍ତାରେ ଗଡୁଛନ୍ତି। ପ୍ରତିଦିନ ଗଣ୍ଡଗୋଳ, ମାରିପିଟ୍ ହେଉଛି। ପୁଲିସ୍‌କୁ ଖବର ଦେଲେ ଓଲଟି ଅଭିଯୋଗକାରୀକୁ ପୁଲିସ୍ ଗିରଫ କରୁଛି। ଦେଶୀ ମଦର ବନ୍ୟା ଯୋଗୁ ଶଶାହାଣ୍ଡି ପଞ୍ଚାୟତର ଚନ୍ଦ୍ର ପୂଜାରୀ, ଶ୍ୟାମନାଥ ଭତ୍ରା, ଭଗବାନ ଭତ୍ରା, କମଳ ଲୋଚନ ନାୟକ, ପ୍ରତିମା ଭତ୍ରା ମଦ ମୃତ୍ୟୁର ଶିକାର ହୋଇଥିବା ମହିଳା ଅଭିଯୋଗ କରିଛନ୍ତି। ବହୁ ପରିବାର ମଦ ପିଇବା ପାଇଁ ରାସନ କାର୍ଡ ବନ୍ଧା ପକାଇଛନ୍ତି। ପୁରୁଷ ଲୋକ କାମକୁ ଗଲେ ଆଉ ମଜୁରି ମିଳୁନି, ମଜୁରି ବଦଳରେ ମଦ ପିଆଇ ମାଲିକମାନେ ଛାଡ଼ି ଦେଉଛନ୍ତି। ଫଳରେ ଅନେକ ପରିବାର ଜୀବିକା ବୁଡ଼ିବାରେ ଲାଗିଛି।



ମଦ ବିକ୍ରି ବନ୍ଦ ଦାବିରେ ଶତାଧିକ ମହିଳା କୋରାପୁଟ ଏସ୍‌ପିଙ୍କ ବାସ ଭବନ ଘେରାଉ

୧୬ରୁ ୧୮ ବର୍ଷ ବୟସର ଯୁବକ ଅଧିକ ମାତ୍ରାରେ ପ୍ରଭାବିତ ହୋଇଛନ୍ତି। ମଦ ବିକ୍ରିକୁ ସଂପୂର୍ଣ୍ଣ ବନ୍ଦ ପାଇଁ ୨୦୧୩ ଡିସେମ୍ବର ୧୯ ତାରିଖରେ ଶଶାହାଣ୍ଡି ଗ୍ରାମରେ ବୈଠକ ହୋଇଥିଲା। ବୈଠକରେ ଦେଶୀ, ବିଦେଶୀ ମଦ ବିକ୍ରୀ ବନ୍ଦ ପାଇଁ ନିଷ୍ପତ୍ତି ହେବା ପରେ ଗତକାଲି ମହିଳାମାନେ ରାମେଲଗୁଡା ଗ୍ରାମର ଦେଶୀ ମଦ ଜବତ କରି ପୁଲିସ୍‌କୁ ଖବର ଦେଇଥିଲେ। କିନ୍ତୁ ପୁଲିସ୍ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲାନି ବୋଲି ମହିଳାମାନେ ଅଭିଯୋଗ କରିଛନ୍ତି। ବହୁ ଥର ପୁଲିସ୍‌କୁ ଗ୍ରାମବାସୀ ମଦ ବିକ୍ରି ବନ୍ଦ କରିବା ପାଇଁ ଲିଖିତ ଅଭିଯୋଗ କରିଛନ୍ତି। କିନ୍ତୁ ମଦ ମାଫିଆ-ପୁଲିସ୍ ସଲାସୁତୁରାରେ ଶଶାହାଣ୍ଡି ଇଲାକାରେ ମଦ ବିକ୍ରି ଚାଲି ଥିବାରୁ ମଦ ବିକ୍ରି ବନ୍ଦ କ୍ଷେତ୍ରରେ କିଛି ପରିବର୍ତ୍ତନ ଆସି ପାରୁନି ବୋଲି ମହିଳା ଅଭିଯୋଗ କରିଛନ୍ତି। ସ୍ଥାନୀୟ ପୁଲିସ୍ ସହଯୋଗ ନ କରିବା ପରେ ଗ୍ରାମର ଶତାଧିକ ମହିଳା ଆଜି ଜିଲ୍ଲାପାଳ, ପୁଲିସ୍ ଆଇଜି, ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜିଲ୍ଲାପାଳଙ୍କୁ ଦାବି ପତ୍ର ପ୍ରଦାନ ପରେ ସଂଧ୍ୟାରେ ଗ୍ରାମବାସୀ ଓ ମହିଳା ଏସ୍‌ପିଙ୍କ ବାସ ଭବନ ଘେରାଉ କରିଥିଲେ। ଶଶାହାଣ୍ଡି ଅଞ୍ଚଳରେ ତୁରନ୍ତ ମଦ ବିକ୍ରି ବନ୍ଦ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବାକୁ ମା ଗାୟିତ୍ରୀ ନାରୀ ସଶକ୍ତିକରଣ ସଂଘର ସକାନ୍ତି ପୂଜାରୀ, ସୁଲୋଚନା ଗଣ୍ଡା, କମଳା ରନ୍ଧାରୀ, ସଂଧ୍ୟାରାଣୀ ପ୍ରଧାନ, ଗ୍ରାମର ସନତ କୁମାର ଭୂୟାଁ, ଦିବ୍ୟ ଲୋଚନ ପ୍ରଧାନ, କର୍ମକର୍ତ୍ତା ଓ କୋରାପୁଟ ଜିଲ୍ଲା ଦଳିତ ଅନୁସୂଚିତ ଜନଜାତି ସଂଘର ଜିଲ୍ଲା ସଂପାଦକ ରୂପ ଖରା ପ୍ରମୁଖ ଚେତାବନୀ ଦେଇଛନ୍ତି।

# ମାଙ୍କେଡ଼ିଆ ବସ୍ତିରେ ମାନବାଧିକାର ଉଲଂଘନ!

କାଳିଆପାଣି, ୬/୧(ଇମିସ) : ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ଗାଁସୋଳ ପଞ୍ଚାୟତ ଅନ୍ତର୍ଗତ ମହ୍ଲାରସାହି ବସ୍ତିରେ ରହୁଥିବା ଶତାଧିକ ମାଙ୍କେଡ଼ିଆ ପରିବାରଙ୍କ କ୍ଷେତ୍ରରେ ମାନବାଧିକାର ଉଲଂଘନ ହୋଇଥିବା ଅଭିଯୋଗ ଉଠିଛି। ଅତି ଦୟନୀୟ ଅବସ୍ଥାରେ ରହିଥିବା ଏହି ବିଲୁପ୍ତ ଜନଜାତି ମାଙ୍କେଡ଼ିଆମାନେ ସମସ୍ତ ମୌଳିକ ଅଧିକାରରୁ ବଞ୍ଚିତ ହୋଇଛନ୍ତି। ନିହାତି ଗରିବ ଓ ନିଃସ୍ୱ ଅବସ୍ଥାରେ ପଲାମରା କୁଡ଼ିଆରେ ରହୁଥିଲେ ବି କେହି ଜଣକୁ ବି ବିପିଏଲ୍ ତାଲିକାରେ ସାମିଲ କରାଯାଇ ନାହିଁ। ମାଙ୍କଡ଼ିଆମାନେ ଭୋକ ଉପାସରେ ସଢୁଥିଲେ କିମ୍ବା ଓଳିଏ ଖାଇ ବଞ୍ଚୁଥିଲେ ମଧ୍ୟ ପୂର୍ବ ବ୍ୟବସ୍ଥାରେ ଥିବା ଦି' ଟଙ୍କିଆ କି ଏବେକାର ଟଙ୍କିକିଆ ଚାଉଳ ସେମାନଙ୍କ ଭାଗ୍ୟରେ ଏଯାଏଁ ଜୁଟିନି। ଏବେ ବି ଅଧିକାଂଶ ବସ୍ତିବାସିନ୍ଦା ଭିକ୍ଷାବୃତ୍ତି ଉପରେ ନିର୍ଭର କରି ବଞ୍ଚିଛନ୍ତି। ବସ୍ତି ଚାରିପଟେ ଥିବା ଅପେକ୍ଷାକୃତ ସ୍ୱଚ୍ଛଳ ବର୍ଗର ଲୋକେ ଇନ୍ଦିରା ଆବାସ ଘରେ ରହୁଥିଲେ ମଧ୍ୟ ବସ୍ତିର ଜଣେ ବି ଏହି ଯୋଜନାରେ ସାମିଲ ହୋଇ ନଥିବା ସେମାନଙ୍କ ଅବସ୍ଥା ପ୍ରତି ସରକାରୀ ବ୍ୟବସ୍ଥାର ପରିହାସ ପାଲଟିଛି। ସତେ ଯେମିତି ବହୁମୁଖୀ ସରକାରୀ ଯୋଜନା ଠିକ୍ ଏଇଠି ବାଟବଣା ହୋଇ ଯାଇଛି। ବସ୍ତିରୁ ଏକ କିମି ମଧ୍ୟରେ ୪ଟି ଉଚ୍ଚ ବିଦ୍ୟାଳୟ, ୧୦ ରୁ ଅଧିକ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ତା'ସତ୍ତ୍ୱେ ବି ବସ୍ତିର ଅଧିକାଂଶ ପିଲା ଭଲରେ ଅକ୍ଷର ଶିଖି ନଥିବା କହିଛନ୍ତି। ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥା ବିଷୟରେ କିଛି ଜାଣିବାକୁ ସୁଯୋଗ ପାଇ ନଥିବା ଏଠାକାର ଲୋକେ ରୋଗରେ ପଡ଼ିଲେ ପାରମ୍ପରିକ ଜଡ଼ିବୁଟି ଉପଚାର ହିଁ କରିଥାନ୍ତି। ଲୋକ ଜନଶକ୍ତି ଅଭିଯାନର ରାଜ୍ୟ ସଭାପତି ତଥା ଜନ ଆନ୍ଦୋଳନ ରାଷ୍ଟ୍ରୀୟ ସମନ୍ୱୟ ସମିତିର ଆବାହକ ପ୍ରଫୁଲ ସାମନ୍ତରା ଏହି ବସ୍ତିକୁ ଆସିଥିଲେ। ଏଠାକାର ଲୋକଙ୍କ ଅବସ୍ଥା ଦେଖି ସେ ଘୋର ଉଦ୍‌ବେଗ ପ୍ରକାଶ କରିଥିଲେ। ବସ୍ତି ବାସିନ୍ଦାଙ୍କ ପ୍ରତି ସରକାର ଆଖି ବୁଜି ଦେଇଥିବା ସେ ଅଭିଯୋଗ କରିଥିଲେ। ସରକାରଙ୍କ ଅବହେଳା ଏଠି ଚରମ ସୀମାରେ ପହଞ୍ଚିଛି। ଏହି ଜନଜାତିର ମାନବିକ ଅଧିକାର ଉଲଂଘନ ହୋଇଥିବା ସେ ଚାକ୍ଷୁସ ପ୍ରମାଣ ପାଇଥିବା ଅଭିଯୋଗ କରିଛନ୍ତି। ସେ ପ୍ରଶ୍ନ କରିଛନ୍ତି; ଏଠି ସରକାର କିଏ, ଜଣାପଡୁ ନାହିଁ। ଖଣି ପ୍ରାଚୁର୍ଯ୍ୟ ଭରା ଇଲାକାରେ ପାରିପାର୍ଶ୍ୱିକ ଉନ୍ନୟନର ବାସ୍ତବ ସ୍ଥିତି ଏତେ ଯେ ଦୟନୀୟ ହୋଇ ପାରେ ତାହା ସହଜରେ ବିଶ୍ୱାସ କରିହେଉ ନାହିଁ। ବସ୍ତିର ଏତାଦୃଶ ଅବସ୍ଥା ଦେଖି ଆଗାମୀ ଦିନରେ ବସ୍ତିର ବାସ୍ତବ ସ୍ଥିତି ଆକଳନ ପାଇଁ ଖୁବ୍‌ଶୀଘ୍ର ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ଏହି ବସ୍ତିକୁ ଆସିବେ ବୋଲି ସେ ସୂଚନା ଦେଇଛନ୍ତି। ସେ କହିଛନ୍ତି; ଏଠାକାର ସମସ୍ୟା ଜନିତ ତଥ୍ୟକୁ କେନ୍ଦ୍ର ମାନବାଧିକାର କମିସନ୍ ଓ ଜନଜାତି କମିସନ୍‌କୁ ପଠାଇ ଦିଆଯିବ। ଦରକାର ପଡ଼ିଲେ ସୁପ୍ରିମ୍ କୋର୍ଟରେ ନ୍ୟାୟଭିକ୍ଷା କରାଯିବ। ଲୋକଙ୍କ ମୌଳିକ ଅଧିକାର ପାଇଁ ସଂଗ୍ରାମ ଜାରି ରହିବ ବୋଲି ସେ ଦୃଢ଼ୋକ୍ତି କରିଥିଲେ। ଏଥିସହ ଶ୍ରୀ ସାମନ୍ତରା କେନ୍ଦ୍ରାଞ୍ଚଳ ଆରଡିସି ଅରବିନ୍ଦ ପାଢ଼ୀଙ୍କୁ ଯୋଗାଯୋଗ କରି ଘଟନା ସଂପର୍କରେ ଅବଗତ କରାଇଥିଲେ। ଆଇନ ଅନୁଯାୟୀ ଯଥା ସମ୍ଭବ ବ୍ୟବସ୍ଥା କରିବାକୁ ଆର୍‌ଡିସି ଶ୍ରୀ ପାଢ଼ୀ ନିର୍ଭର ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

# ଟଙ୍କା ନ ଦେବାରୁ ମେଡିକାଲ୍‌ରୁ ଡିସ୍‌ଚାର୍ଜ!

ଦଶପଲ୍ଲା,୪।୧(ଇମିସ): ନୟାଗଡ଼ ଜିଲ୍ଲା ବାଣୀଗୋଛା ନିକଟସ୍ଥ ୫୭ ନମ୍ବର ଖୋର୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଉପରେ ଏକ ଅଜଣା ଗାଡ଼ି ଧକ୍କାରେ ୨ ଜଣ କଲେଜ ଛାତ୍ରୀଙ୍କ ମୃତ୍ୟୁ ହେବାର ୪ ଦିନ ପରେ ବି ପୁଲିସ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଚିହ୍ନଟ କରିବାରେ ବିଫଳ ହୋଇଛି। ଅନ୍ୟପକ୍ଷରେ ଏଥିରେ ଆହତ ହୋଇ ଚିକିତ୍ସିତ ହେଉଥିବା ଅନ୍ୟ ଜଣେ ଛାତ୍ରୀ ଲକ୍ଷ୍ମୀ ପାତ୍ର(୧୬)କୁ ଅର୍ଥ ଅଭାବରୁ କଟକ ବଡ଼ ଡାକ୍ତରଖାନାରୁ ଅଧା ଚିକିତ୍ସାରେ ଡିସ୍‌ଚାର୍ଜ କରି ଦିଆଯାଇଥିବା ତାଙ୍କ ପିତା ଭରତ ପାତ୍ର ଅଭିଯୋଗ କରିଛନ୍ତି। ଏହାକୁ ଘଟଣାକୁ କେନ୍ଦ୍ରକରି ବାଣୀଗୋଛାରେ ଚାପା ଉତ୍ତେଜନା ଦେଖାଦେଇଛି। ଏହା ବିରୋଧରେ ଗାଁ ଲୋକେ ରାସ୍ତା ଅବରୋଧ କରିବା ପାଇଁ ସଜବାଜ ହେଉଥିବା ଜଣାପଡ଼ିଛି।

ପ୍ରକାଶ ଥାଉକି ଗତ ୧ ତାରିଖରେ ହୋଇଥିବା ଏହି ଦୁର୍ଘଟଣାରେ ଲକ୍ଷ୍ମୀ ପାତ୍ର ଗୁରୁତର ଆହତ ହୋଇଥିବା ବେଳେ ➥ ୯

## ଟଙ୍କା ନ ଦେବାରୁ ...

ତାଙ୍କୁ ଗ୍ରାମବାସୀମାନେ ଉଦ୍ଧାର କରି ପ୍ରଥମେ ଭୁବନେଶ୍ୱର ଓ ପରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ବଡ଼ ଡାକ୍ତରଖାନାରେ ସେ ଚିକିତ୍ସିତ ହେଉଥିବା ବେଳେ ଔଷଧ ପାଇଁ ଅର୍ଥର ଅଭାବ ଯୋଗୁଁ ଡାକ୍ତର ଚିକିତ୍ସା ବନ୍ଦ କରିଦେବା ସହ ଆଜି ଡାକ୍ତରଖାନାରୁ ତଡ଼ି ଦେଇଛନ୍ତି। ଦୁର୍ଘଟଣା ପରେ ଲକ୍ଷ୍ମୀଙ୍କୁ ଜିଲ୍ଲା ରେଡ୍‌କ୍ରସ୍ ପକ୍ଷରୁ ୫ ହଜାର ଟଙ୍କା ସହାୟତା ଦିଆଯାଇଥିଲା। ତାହା ଏବେ ସରି ଯାଇଛି। ଲକ୍ଷ୍ମୀଙ୍କ ପିତା ଭରତ ଜଣେ ଗରିବ ଶ୍ରେଣୀର ଲୋକ । ସେ ବାଣୀଗୋଛାରେ ଶ୍ୱଶୁର ଘରେ ରୁହନ୍ତି। ଫଳରେ ଉକ୍ତ ପଞ୍ଚାୟତରେ ତାଙ୍କ ନାଁରେ କୌଣସି ବିପିଏଲ୍ କାର୍ଡ଼ କିମ୍ବା ସ୍ୱାସ୍ଥ୍ୟ ବୀମା କାର୍ଡ଼ ନଥିବାରୁ ଡାକ୍ତରଖାନାରୁ କୌଣସି ସହାୟତା ଯୋଗାଇ

## ରାଜନଗରରେ ୧୦୮ ଆମ୍ବୁଲାନ୍ସ ସେବା ପ୍ରହସନ

# ୫୦୦ ଟଙ୍କା ନ ଦେବାରୁ ରୋଗୀକୁ ବାରଣ୍ଡାରେ ଫିଙ୍ଗି ପଳାଇଲେ!

ରାଜନଗର,୬।୧(ଇମିସ): ୧୦୮ ଭେଳିକି। ୧୦୮ ଆମ୍ବୁଲାନ୍ସ ସେବା ବିନା ମୂଲ୍ୟରେ ଉପଲବ୍ଧ। ସରକାରଙ୍କ ଏହି ଯୋଜନା ରାଜନଗରରେ ପ୍ରହସନରେ ପରିଣତ ହୋଇଛି। ୫ଶହ ଟଙ୍କା ନ ଦେବାରୁ ଗର୍ଭ ଯନ୍ତ୍ରଣାରେ ଛଟପଟ ହେଉଥିବା ଜଣେ ମହିଳାଙ୍କୁ ଡାକ୍ତରଖାନା ବାରଣ୍ଡାରେ ଫିଙ୍ଗି ଦେଇ ଆମ୍ବୁଲାନ୍ସର ଫାର୍ମାସିଷ୍ଟ ଓ ଡାକ୍ତର ମହିଳାଙ୍କ ପ୍ରେସ୍କ୍ରିପ୍ସନ ନେଇ ଚାଲିଯିବା ଘଟଣା ସମଗ୍ର ଅଂଚଳରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି।

ରାଜନଗର ବ୍ଲକ୍ ଡାଙ୍ଗମାଳ ପଞ୍ଚାୟତର ବାଙ୍କୁଆଳ ଗାଁର ପ୍ରତିଶୁ ମଲ୍ଲିକଙ୍କ ସ୍ତ୍ରୀ ମନା ମଲ୍ଲିକଙ୍କର ଗତକାଲି ରବିବାର ରାତି ୧୧ଟାରେ ଗର୍ଭ ଯନ୍ତ୍ରଣା ହୋଇଥିଲା। ଖବର ପାଇ ୧୦୮ ଆମ୍ବୁଲାନ୍ସ ଆସି ଘର ପାଖରେ ପହଞ୍ଚିଥିଲା। ୧୦୮ ଆମ୍ବୁଲାନ୍ସରେ ମନାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଦାୟିତ୍ୱରେ ଥିବା ଡାକ୍ତର ଭକ୍ତିଦୀପକ ପଟ୍ଟନାୟକ ମନାଙ୍କୁ ଦେଖିବା ପରେ ଜାଆଁଳା ପିଲା ପେଟରେ ଥିବାରୁ ତାଙ୍କୁ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ରେଫର୍ କରିଥିଲେ। ରେଫର୍ କାଗଜପତ୍ର ଓ ପ୍ରେସ୍କ୍ରିପ୍ସନ ୧୦୮ ଆମ୍ବୁଲାନ୍ସରେ ଥିବା ଫାର୍ମାସିଷ୍ଟ ଡାକ୍ତରଙ୍କ ଠାରୁ ଆଣି ଆସିଥିଲେ। ଏହାପରେ "କୁହୁଡି ହେଉଛି ଯାଇ ହେବନି, ୫ଶହ ଟଙ୍କା ଦେଲେ ଆମେ ରିକ୍ସ ନେଇ ଯିବୁ" ବୋଲି ସେ କହିଥିଲେ। ମାତ୍ର ମନାଙ୍କ ସହିତ ଆସିଥିବା ପରିବାର ଲୋକେ ୧୦୮ ସେବା ତ ମାଗଣାରେ, ପଇସା କାହିଁକି ନେବ ବୋଲି କହିବାରୁ ରୋଗୀଙ୍କୁ ଆମ୍ବୁଲାନ୍ସରୁ କାଢି ରାତି ୧ଟା ବେଳେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବାରଣ୍ଡାରେ ଫିଙ୍ଗି ଦେଇ ଚାଲି ଯାଇଥିଲେ। ଏପରିକି ରୋଗୀର ପ୍ରେସ୍କ୍ରିପ୍ସନ ଓ ରେଫର୍ ଅର୍ଡର ମଧ୍ୟ ରୋଗୀଙ୍କୁ ଦେଇନଥିଲେ। ପରେ ରୋଗୀଙ୍କ ପରିବାର ଲୋକେ ୧୦୮କୁ ଫୋନ୍ କରିବାରୁ ଡାଙ୍ଗମାଳ ୧୦୮ ପରିବର୍ତ୍ତେ ରାଜନଗର ୧୦୮ ଆସି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲା। "ତମେ କାହିଁକି ଡାଙ୍ଗମାଳ ୧୦୮ ସାଙ୍ଗରେ ପାଟି କଲ, ପଇସା ଦେଲ ନାହିଁ" କହି ରୋଗୀକୁ ନ ନେଇ ପଳାଇ ଯାଇଥିଲା। ଗୋଟିଏ ପଟେ ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ହାମ୍ବଡା ଶାସନ ଚାଲିଥିବା ବେଳେ ଅନ୍ୟପଟେ ମନା ଗର୍ଭ ଯନ୍ତ୍ରଣାରେ ବାରଣ୍ଡାରେ ଛଟପଟ ହେଉଥିଲେ। ଏଭଳି ପରିସ୍ଥିତିରେ କୌଣସି ଉପାୟ ନପାଇ ପରିବାର ଲୋକେ ଏକ ବୋଲେରୋ ଭଡା କରି ମନାଙ୍କୁ ନେଇ କେନ୍ଦ୍ରାପଡାର ସୂର୍ଯ୍ୟ ନର୍ସିଂ ହୋମ୍‌ରେ ଭର୍ତ୍ତି କରିଛନ୍ତି। ଆମ୍ବୁଲାନ୍ସର କର୍ମଚାରୀଙ୍କ ଏଭଳି ଆଚରଣ ସଂପର୍କରେ ମନାଙ୍କ ଭିଣୋଇ ଅଶୋକ କୁମାର ବେହେରା ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି।

---

# ନରେଗା: ବନବାସୀଙ୍କୁ ଅଧିକ ୫୦ ଦିନ

- ନିଜ ଜମିର ବିକାଶ ପାଇଁ ମଜୁରି
- ଏଫ୍‌ଆର୍‌ଏ ହିତାଧିକାରୀଙ୍କ ପାଇଁ ଲାଗୁ ହେବ
- ସବୁ ହିତାଧିକାରୀଙ୍କୁ ଇନ୍ଦିରା ଆବାସ
- ଆଇଏପି ଜିଲ୍ଲାରେ ନଗଦ ପ୍ରଦାନ ଅନୁମତି

ଭୁବନେଶ୍ୱର, ୧୦/୧ (ଇମିସ): ନିର୍ଦ୍ଧାରିତ ୧୦୦ ଦିନ ବାହାରେ ଅନୁସୂଚିତ ଜନଜାତି ବର୍ଗର ବନବାସୀମାନଙ୍କୁ ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଯୋଜନା(ନରେଗା)ରେ ଅତିରିକ୍ତ ୫୦ ଦିନ କାମ ଦିଆଯିବ। ଯେଉଁମାନେ ଜଙ୍ଗଲରେ ରହୁଥିବେ ଏବଂ ୨୦୦୬ରେ ପ୍ରଣୀତ ଜଙ୍ଗଲ ଅଧିକାର ଆଇନ (ଏଫ୍‌ଆର୍‌ଏ)ରେ ଜମି ଅଧିକାର ପାଇଥିବେ ସେମାନଙ୍କ ପାଇଁ ଏହା ଲାଗୁ ହେବ। ଭାରତର ୧୪ ଲକ୍ଷ ବନବାସୀ ଏବଂ ଗୋଷ୍ଠୀଙ୍କୁ ଏଫ୍‌ଆର୍‌ଏରେ ଜମି ବଣ୍ଟନ କରାଯାଇଛି। ଏମାନଙ୍କ ମଧ୍ୟରୁ କେବଳ ୮ ଲକ୍ଷ ଆନ୍ଧ୍ର ପ୍ରଦେଶ, ଛତିଶଗଡ, ଝାଡଖଣ୍ଡ ଏବଂ ଓଡ଼ିଶାରେ ଅଛନ୍ତି। ଏହି ଲୋକମାନଙ୍କୁ ୧୦୦ ଦିନ ବଦଳରେ ୧୫୦ ଦିନର କାମ ଦିଆଯିବ।

ଘୋଷଣା ଅବସରରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଜୟରାମ ରମେଶ କହିଛନ୍ତି, ଆଦିବାସୀମାନଙ୍କୁ ଦିଆଯାଇଥିବା ଜମିର ଉତ୍ପାଦିକା ଶକ୍ତି ବଢ଼ାଇବା ନିମନ୍ତେ ଏମାନଙ୍କୁ ବର୍ଷକୁ ଅତିରିକ୍ତ ୫୦ ଦିନର ଶ୍ରମ ଭିତ୍ତିକ ନିଯୁକ୍ତି ଦିଆଯିବ। ଏଫ୍‌ଆର୍‌ଏରେ ବନବାସୀଙ୍କୁ ଦିଆଯାଇଥିବା ଜମିକୁ ସମତୁଲ କରିବା, ତାରା ଘେରଣ କରିବା ଆଦି ବହୁବିଧ ଭୂ ବିକାଶ କାର୍ଯ୍ୟର ଆବଶ୍ୟକତା ରହିଛି। ଅତିରିକ୍ତ ମାନବ ଦିବସ ଦ୍ୱାରା ବନବାସୀ ଉପକୃତ ହେବେ। ସମସ୍ତ ଏଫ୍‌ଆର୍‌ଏ ହିତାଧିକାରୀଙ୍କୁ ଇନ୍ଦିରା ଆବାସ ଯୋଜନାରେ ଗୃହ ଯୋଗାଇ ଦେବା ପାଇଁ ପୂର୍ବରୁ ଘୋଷଣା ହୋଇସାରିଛି। ଓଡ଼ିଶା, ଛତିଶଗଡ, ଝାଡଖଣ୍ଡ ଏବଂ ମଧ୍ୟ ପ୍ରଦେଶର ୫ ଲକ୍ଷ ୭୬ ହଜାର ପରିବାର ପାଇଁ ଗୃହ ମଞ୍ଜୁର ହୋଇଛି। ନରେଗା ଯୋଜନା ନକ୍ସଲ ପ୍ରଭାବିତ ଅଞ୍ଚଳରେ ସଫଳତାର ସହ କାର୍ଯ୍ୟକାରୀ କରିବା ନେଇ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଦେଶର ୨୫୦ଟି ସବୁଠୁ ପଛୁଆ ବ୍ଲକରେ ନରେଗା ଏବଂ ଜାତୀୟ ଗ୍ରାମୀଣ ଜୀବିକାନିର୍ବାହ ମିଶନ (ଏନ୍‌ଆର୍‌ଏଲ୍‌ଏମ୍)କୁ ମିଳିତ ଭାବେ କାର୍ଯ୍ୟକାରୀ କରାଯାଉଛି। ଏମାନଙ୍କ ମଧ୍ୟରୁ ବହୁ ବ୍ଲକ୍ ଅନୁସୂଚିତ ଜନଜାତି ତଥା ନକ୍ସଲ ପ୍ରବଣ ଜିଲ୍ଲାମାନଙ୍କରେ ରହିଛି। ଏହା ଦ୍ୱାରା ଉଭୟ ଯୋଜନାର ଗୁଣାତ୍ମକ ମାନ ବୃଦ୍ଧି ସହ ଗ୍ରାମାଞ୍ଚଳରେ ଜୀବନଧାରଣର ମାନ ଉନ୍ନତ ହେବ ବୋଲି ଗ୍ରାମ ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏହା ବାଦ୍ ସମନ୍ୱିତ କାର୍ଯ୍ୟ ଯୋଜନା (ଆଇଏପି)ଭୁକ୍ତ ୮୮ଟି ଜିଲ୍ଲାରେ ମଜୁରି ନଗଦ ଆକାରରେ ଦେବା ପାଇଁ ଅନୁମତି ଦିଆଯାଇ ଥିବା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

All the News are collected From Odia Daily Sambad

***Compiled by – Ranjit Sutar, CSNR, VIM-489, Sailashree Vihar, Bhubaneswar -21, Odisha, Email: csnrorissa@gmail.com, Ph: 0674-2741557***